**ହନୁମାନଙ୍କ ବାର୍ଷିକ ଉତ୍ସବ, ବିଶ୍ୱଶାନ୍ତି ମହାଯଜ୍ଞ**

ମାର୍ଶାଘାଇ, (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ): ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଗିରଙ୍ଗ ଗ୍ରାମରେ ଶନିବାରଠାରୁ ହନୁମାନଙ୍କ ପ୍ରଥମ ବାର୍ଷିକ ଉତ୍ସବ ଓ ମହାଯଜ୍ଞ ପାଳନ ପାଇଁ ନିକଟସ୍ଥ ଲୁଣାନଦୀରୁ ୧୦୮ କଳସ ଶୋଭାଯାତ୍ରା ଶନିବାର ହୋଇଯାଇଛି। ଏଥିସହ ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, ଗୋ ପୂଜନ, ଅଗ୍ନି ସ୍ଥାପନ କରାଯାଇ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଛି। ପଣ୍ଡିତ ମାନସ ଷଡ଼ଙ୍ଗୀଙ୍କ ଦ୍ୱାରା ଗୀତାଯଜ୍ଞ ଓ ଷୋଡ଼ଶ ଉପଚାର ପୂଜା, ହନୁମାନ ସହସ୍ରନାମ ଗାନ କରାଯାଉଛି। ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଦୀର୍ଘ ୩ ଦିନ ଧରି ଆୟୋଜନ ହେଉଥିବା ଏହି ଉତ୍ସବରେ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ରାମଲୀଳା ନାଟକ ଅନୁଷ୍ଠିତ ହେଉଥିବା କମିଟି ଓ ଗ୍ରାମବାସୀଙ୍କଠାରୁ ପ୍ରକାଶ।

# ଅର୍ଦ୍ଧନିର୍ମିତ କୋଠା ଏବେ ଭୂତକୋଠି

ପଟ୍ଟାମୁଣ୍ଡାଇ, ୧୯।୪(କଳ୍ପତରୁ ନାୟକ)

## ପାଣିରେ ପଡ଼ିଲା ସରକାରୀ ଅର୍ଥ



କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ଏକାଧିକ ସ୍ଥାନରେ ସରକାରୀ ତହବିଲ୍‌ରୁ ବହୁ କୋଟି ଅର୍ଥ ବ୍ୟୟରେ କୋଠା ନିର୍ମାଣ ହୋଇଛି। ହେଲେ ବହୁସ୍ଥାନରେ ନିର୍ମିତ କୋଠା କେଉଁଠି ଅଧାପନ୍ତରିଆ ହୋଇପଡିଛି ତ ଆଉ କେଉଁଠାରେ ଉଦ୍‌ଘାଟନ ହୋଇ ଭୂତକୋଠି ପାଲଟି ଲୋକଙ୍କ କାମରେ ଆସୁନାହିଁ। ପରିତ୍ୟକ୍ତ ଭାବେ ପଡ଼ିରହି ଅସାମାଜିକଙ୍କ ଆଡ୍ଡାସ୍ଥଳ ପାଲଟିଛି। ହେଲେ ସରକାରୀ କାର୍ଯ୍ୟାଳୟ ଭଡ଼ାଘର ଓ ପୁରୁଣା କୋଠାରେ ଚାଲିଛି। ଏହାର ଉଦାହରଣ ଭାବେ ପଟ୍ଟାମୁଣ୍ଡାଇ ବ୍ଲକ ଖଡ଼ିଅଣ୍ଟା ପଞ୍ଚାୟତର ଏକାଧିକ ଗୃହ, ପ୍ରାଣୀ ଚିକିତ୍ସାଳୟ ସହିତ ୫୦ ଲକ୍ଷ ଟଙ୍କା ବ୍ୟୟର ଅର୍ଦ୍ଧନିର୍ମିତ ଡାକବଙ୍ଗଳା।

ପଟ୍ଟାମୁଣ୍ଡାଇ ସହରଠାରୁ ୪ କି.ମି. ଦୂର ଖଡ଼ିଅଣ୍ଟା ହାଇସ୍କୁଲ ସାମ୍ନାରେ ୧୯୯୦ରେ ୫୦ ଲକ୍ଷ ଟଙ୍କା ବ୍ୟୟ କରାଯାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୮ଟି କୋଠରିବିଶିଷ୍ଟ ଡାକବଙ୍ଗଳା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୧୯୯୩ ସୁଦ୍ଧା ଶତକଡା ୮୦ ପ୍ରତିଶତ କାମ ଶେଷ ହୋଇଥିଲା। ଖାଲି ଛାତ ପଡ଼ିବା ବାକିଥିବାବେଳେ ୧୯୯୩ ଶେଷବେଳକୁ ବଙ୍ଗଳା କାର୍ଯ୍ୟ ବନ୍ଦ କରିଦିଆଗଲା। ସେବେଠାରୁ ଅଧାଅପନ୍ତରିଆ ଭାବେ ବନ୍ଦହୋଇ ଅଳିଆ ଆବର୍ଜନାରେ ପଡ଼ିଛି। ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ମଧ୍ୟ ଜିଲା ପ୍ରଶାସନ ପାଖରୁ ଆରମ୍ଭକରି କେହି ଧ୍ୟାନ ଦେଉନାହାନ୍ତି। ସେହିପରି ୪ ଲକ୍ଷ ୨୫ ହଜାର ଟଙ୍କା ବ୍ୟୟରେ ଖଡ଼ିଅଣ୍ଟା ପ୍ରାଣୀ ଚିକିତ୍ସାକେନ୍ଦ୍ର ନିର୍ମିତ ହୋଇଥିଲେ ମଧ୍ୟ ତାହା ଏବେ ଭୂତକୋଠି ପାଲଟିଛି। ସେହିପରି ବଡ଼ପଡ଼ା ପଞ୍ଚାୟତରେ ୩୫ ଲକ୍ଷ ଟଙ୍କା ବ୍ୟୟରେ ଏକ କଲ୍ୟାଣମଣ୍ଡପ ନିର୍ମାଣ ହୋଇଥିଲେ ମଧ୍ୟ ତଳତାଲା ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ସେହିପରି ବଡ଼ପଡ଼ା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପାଖରେ ନିର୍ମାଣ ହେବାକୁ ଥିବା ୧୦ ଲକ୍ଷ ବ୍ୟୟର ପାର୍କ ନାମ ନିଶାନ ନ ଥିବାବେଳେ ଅର୍ଥ ହଡ଼ପ ହୋଇଥିବା ଅଭିଯୋଗ ହୋଇଛି। ସେହିପରି ପୌରାଞ୍ଚଳରେ ୨ କୋଟି ବ୍ୟୟରେ ବିଭିନ୍ନ ସ୍ଥାନରେ ନିର୍ମିତ ସର୍ବସାଧାରଣ ଶୌଚାଳୟ ନିର୍ମାଣ ପରଠାରୁ ଅକାମି ହୋଇ ପଡ଼ିଛି। ଏଭଳି ପୌର ପରିଷଦ ଓ ବିଭିନ୍ନ ପଞ୍ଚାୟତରେ ଏଏନ୍‌ଏମ୍ କେନ୍ଦ୍ର, ଅଙ୍ଗନୱାଡି କେନ୍ଦ୍ର, ପ୍ରାଣୀ ଚିକିତ୍ସା କେନ୍ଦ୍ର, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ କେନ୍ଦ୍ର ପ୍ରଭୃତି ନିର୍ମାଣ ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ ନ ହୋଇ ଅସାମାଜିକଙ୍କ ଆଡ୍ଡାସ୍ଥଳ ପାଲଟିଛି। ରାଜ୍ୟ ସରକାର ଓ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ନରସିଂହପୁର ଗ୍ରାମ ପୋଲ ଭାଙ୍ଗିଲା

ଡେରାବିଶ, ୧୯।୪(ବେବର୍ତ୍ତା ଅଜୟ ଦାସ)



ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ନରସିଂହପୁରଠାରେ କେନ୍ଦ୍ରାପଡ଼ା ମୁଖ୍ୟ କେନାଲ୍‌ର ୧୩ ନଂ. କେନାଲ୍ ଉପରେ ଥିବା ଏକ ପକ୍କାପୋଲ ଦେଇ ଶନିବାର ରାତିରେ ଏକ ହାଇୱା ଅତିକ୍ରମ କରୁଥିଲା। ଫଳରେ ପୋଲଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଏହି ପୋଲଟି ଭାଙ୍ଗିଯିବା ଫଳରେ ନରସିଂହପୁର ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହେବା ସହ ଦାନପୁର ପଞ୍ଚାୟତ ସମେତ ପଡ଼ୋଶୀ ୩ ପଞ୍ଚାୟତର ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଗହଗା ଘାଟଠାରୁ କଟକ-ଚାନ୍ଦବାଲି ରାସ୍ତାକୁ ସଂଯୋଗ କରିବାକୁ କେନ୍ଦ୍ରାପଡ଼ା ମୁଖ୍ୟ କେନାଲ୍‌ର ୧୩ ନଂ. ଶାଖା ନାଳ ଉପରେ ଦୀର୍ଘବର୍ଷ ହେଲା ଜଳସେଚନ ବିଭାଗ ପକ୍ଷରୁ ଏହି ପୋଲଟି ନିର୍ମାଣ ହୋଇଥିଲା। ଲୁଣା-କରାଣ୍ଡିଆ ଦ୍ୱୀପାଞ୍ଚଳର ଅଧିବାସୀ ମୁଖ୍ୟତଃ ଏହି ବାଟ ଦେଇ ଚାନ୍ଦୋଳ ହାଟକୁ ସେମାନଙ୍କ ଉତ୍ପାଦିତ ପନିପରିବା ଆଣିଥାନ୍ତି। ଏହାଛଡ଼ା ଅଞ୍ଚଳର ଛାତ୍ରୀଛାତ୍ର ଏହି ବାଟ ଦେଇ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଯାଇଥାନ୍ତି। ଏହି ପୋଲଟି ଭୁଶୁଡ଼ିବା ପରେ ବିକଳ୍ପ ଭାବରେ ଜନସାଧାରଣ ୩ କିଲୋମିଟର ବାଟ ବୁଲି ଯିବାକୁ ହୋଇଥାଏ। ଏହି ପୋଲଦେଇ ଗ୍ରାମର ଚାଷଜମିକୁ ଟ୍ରାକ୍ଟର ଓ ଜମିରୁ ଉତ୍ପାଦିତ ଫସଲ ଘରକୁ ଆଣିବାରେ ଚାଷୀମାନେ ସମସ୍ୟାର ସମ୍ମୁଖୀନ ହେବେ। ଏହି ସ୍ଥାନରେ ତୁରନ୍ତ ଏକ ପ୍ରଶସ୍ତ ଓ ଭାରିଯାନ ଚଳାଚଳ କରିବା ଭଳି ସୁଦୃଢ଼ ପୋଲଟିଏ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଶିକ୍ଷା ହିଁ ଜୀବନର ଅମୂଲ୍ୟ ସମ୍ପଦ

## ମନୋରମା ପବ୍ଲିକ୍ ସ୍କୁଲ୍‌ର ବାର୍ଷିକୋତ୍ସବ

କେନ୍ଦ୍ରାପଡ଼ା, ୧୯।୪(ଜଗନ୍ନାଥ ଧଳ)




ଅତିଥିମାନେ ଜଣେ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

କେନ୍ଦ୍ରାପଡ଼ା ବ୍ଲକ ବାରେଇସ୍ଥିତ ମନୋରମା ପବ୍ଲିକ୍ ସ୍କୁଲ୍‌ର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷା ଚିନ୍ମୟୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷା ହିଁ ଜୀବନର ଅମୂଲ୍ୟ ସମ୍ପଦ ବୋଲି ଅତିଥିମାନେ ମତ ରଖିଛନ୍ତି। ଶିକ୍ଷାବିତ୍ ନନ୍ଦକିଶୋର ପରିଡ଼ା, ଶିକ୍ଷାବିତ୍ ମାନସ ଦାସ, ସାମାଜିକ କର୍ମୀ କାଙ୍ଗାଳି ଚରଣ ଦାସ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ କହିଥିଲେ, ଶିକ୍ଷା ବିହୁନେ ସୁସ୍ଥ ସମାଜ ଗଠନ ହୋଇପାରିବ ନାହିଁ। ଶିକ୍ଷାନୁଷ୍ଠାନ ଏଥିପାଇଁ ପରିବେଶ ଓ ଭିତ୍ତିଭୂମି ସୃଷ୍ଟି କରିଥାନ୍ତି। ସାମାଜିକ ବ୍ୟବହାର, ଦେଶର ସଂସ୍କୃତିଠାରୁ ଆରମ୍ଭକରି ସମୟ ଉପଯୋଗୀ ଶିକ୍ଷା ବ୍ୟବସ୍ଥା ଶିକ୍ଷାର୍ଥୀଙ୍କ ମନୋବଳ ଦୃଢ଼ କରିଥାଏ। ସାମ୍ପ୍ରତିକ ସମୟରେ ଶିକ୍ଷାର ଗୁଣବତ୍ତାକୁ ଗୁରୁତ୍ୱ ଦିଆଯାଉଛି। ଏଥିପ୍ରତି ଶିକ୍ଷକଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଅଭିଭାବକମାନେ ଏଥିପ୍ରତି ସଚେତନ ହେଲେ ଶିକ୍ଷାର୍ଥୀ ଉତ୍ତର ଜୀବନରେ ସଫଳତା ପାଇପାରିବେ। ଶିକ୍ଷାର୍ଥୀ ପାଇଁ ଶିକ୍ଷା ଏକ ଅମୂଲ୍ୟ ସମ୍ପଦ। ଏହା ଜୀବନପଥକୁ କୁସୁମିତ କରେ। ଏହି ଅବସରରେ ସ୍କୁଲର କୃତୀ ପ୍ରତିଭାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ରମେଶ କୁମାର ଜେନା, ମାନସ ଆଚାର୍ଯ୍ୟ, ଶିକ୍ଷୟିତ୍ରୀ ସବିତା ରାଉତ, ଲକ୍ଷ୍ମୀପ୍ରିୟା ଓଝା, ବିଭାସିନୀ ରାଉତ ପ୍ରମୁଖ ଉତ୍ସବକୁ ପରିଚାଳନା କରିଥିଲେ।

# ଶିବିରରେ ୪୯ ୟୁନିଟ ରକ୍ତ ସଂଗ୍ରହ

ପାଟକୁରା, ୧୯।୪(ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ଅଧୀନ ବେଡାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରଯାଇଥିଲା। ଏଥିରେ ୪୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ବେଡାରୀ ଗ୍ରାମର ଧର୍ମପ୍ରାଣା ସାବିତ୍ରୀ ବେହେରାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକରେ ତାଙ୍କ ପରିବାର ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରକୁ କଟକ କେନ୍ଦ୍ରୀୟ ରେଡ଼କ୍ରସ ସହଯୋଗ କରାଯାଇଥିଲା। ରେଡକ୍ରସ ଟିମ ସହିତ ଡା. ଆଶିଷ କୁମାର ରାଓ, ବିଶ୍ୱଜିତ ସାହାଣୀ, ଦୀପକ କୁମାର ଚୌଧୁରୀ ପ୍ରମୁଖ ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ। ୪୯ଜଣ ରକ୍ତଦାତା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ସାବିତ୍ରୀଙ୍କ ବୋହୂ ଅଧାପିକା ସ୍ୱର୍ଣ୍ଣଲତା, ଡା. ସୁଷମା, ପୁଅ ଇଂ. ଦିପ୍ତୀରଞ୍ଜନ, ସ୍ମୃତି ରଞ୍ଜନ, ଝିଅ, ଜ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷାବିତ୍ ବିଚିତ୍ର ମୋହନ ପଟ୍ଟନାୟକ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିସ୍ମୟ ପ୍ରକାଶ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ଗ୍ରାମର ୨୦ଜଣ ଯୁବକ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# କଂଗ୍ରେସ ପକ୍ଷରୁ ନିଶାମୁକ୍ତ ଓଡ଼ିଶା ଜନଜାଗରଣ ଅଭିଯାନ

ଡେରାବିଶ,୧୯।୪(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକର ବିଭିନ୍ନ ଅଞ୍ଚଳରେ ଶନିବାର କଂଗ୍ରେସ ପକ୍ଷରୁ ନିଶାମୁକ୍ତ ଓଡ଼ିଶା ଜନଜାଗରଣ ଅଭିଯାନ ରଥ ପରିକ୍ରମା କରିଛି। ପୂର୍ବାହ୍ନରେ କେନ୍ଦ୍ରାପଡ଼ାରୁ ଡେରାବିଶ ବ୍ଲକ ଅଞ୍ଚଳକୁ ଏହି ରଥ ପ୍ରବେଶ କରି ସମାଜକୁ ନିଶାମୁକ୍ତ କରିବାକୁ ଆହ୍ୱାନ ଦିଆଯାଇଥିଲା। ଡେରାବିଶ ଓ ଚାନ୍ଦୋଳ ବଜାରରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ବ୍ଲକ କଂଗ୍ରେସ ସଭାପତି ରାଜୀବଲୋଚନ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ପାଟକୁରା କଂଗ୍ରେସ ନେତା ଡ. ରତିକାନ୍ତ କାନୁନ୍‌ଗୋ, ରାଜ୍ୟ ଅନୁସୂଚିତ ଜାତି ସେଲ ଉପସଭାନେତ୍ରୀ ଜାନକୀ ମଲ୍ଲିକ, ଅନୁଗୋଳ ଜିଲା ଏସି ସେଲ୍ ସଭାପତି ଆଇନଜୀବୀ ରାଜକିଶୋର ନାୟକ ପ୍ରମୁଖ ଯୋଗଦେଇ କଂଗ୍ରେସ ପକ୍ଷରୁ ଆରମ୍ଭ କରାଯାଇଥିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ରାତି ପାହିଲେ ବିଭିନ୍ନ ଖବରକାଗଜ ପୃଷ୍ଠାରେ ସଡ଼କ ଦୁର୍ଘଟଣା, ଘରୋଇ ହିଂସା, ହତ୍ୟା ଓ ବିଭିନ୍ନ ସମାଜ ବିରୋଧୀ ଘଟଣା ସାମ୍ନାକୁ ଆସୁଛି। ଏ ସବୁର କାରଣ ନିଶା ହୋଇଥିବା ବେଳେ ବର୍ତ୍ତମାନର ଯୁବପିଢ଼ି ନିଶା ଦ୍ୱାରା କବଳିତ। ଅପରପକ୍ଷରେ ନିଶାସେବନ ଦ୍ୱାରା ଯୁବବର୍ଗ ଦୁରାରୋଗ୍ୟରେ ପୀଡିତ ହୋଇ ଅକାଳରେ ମୃତ୍ୟୁମୁଖରେ ପଡୁଛନ୍ତି। ତେଣୁ ନିଶାଠାରୁ ଦୂରେଇ ରହିବାକୁ ନେତୃବୃନ୍ଦ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ବିଧୁଭୂଷଣ ମହାପାତ୍ର, ଚିତ୍ତରଞ୍ଜନ ମିଶ୍ର, ରବିନ ସିଂ, ଅଶୋକ ମୋହନ ଜେନା, ବଂଶୀଧର ବେହେରା ଓ ସୁଶାନ୍ତ କୁମାର ସାହାଣୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ବକ୍ତବ୍ୟ ରଖିବା ସହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବହୁସଂଖ୍ୟାରେ କଂଗ୍ରେସ କର୍ମକର୍ତ୍ତା ଏଥିରେ ଉପସ୍ଥିତ ଥିଲେ।

# ସମାଜର ବରିଷ୍ଠ ନାଗରିକଙ୍କୁ ସମ୍ମାନ ଦିଅ




ଅଧିବେଶନରେ ଯୋଗଦେଇଥିବା ବରିଷ୍ଠ ନାଗରିକମାନେ।

ରାଜକନିକା,୧୯।୪
(ସଞ୍ଜୟ କୁମାର ଦାଶ)

ସମାଜର ବରିଷ୍ଠ ନାଗରିକମାନଙ୍କୁ ସମ୍ମାନ ପ୍ରଦାନ ସହ ସରକାରୀ ଭାବେ ବୟସ୍କଙ୍କୁ ସମ୍ମାନ ଓ ସେବା ପ୍ରଦାନ କରିବାକୁ ଆହ୍ୱାନ ମିଳିଛି। ଏହିକ୍ରମରେ ରାଜକନିକା ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ୯ମ ବାର୍ଷିକ ସାଧାରଣ ଅଧିବେଶନ ସ୍ଥାନୀୟ ରାଜକନିକା ଆଥ୍‌ଲେଟିକ ଆସୋସିଏଶନ ପରିସର ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ବିଶ୍ୱନାଥ ବଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଡିଓ କୈଳାସ ଚନ୍ଦ୍ର ମହାଳିକ ଯୋଗଦେଇ ବରିଷ୍ଠ ନାଗରିକଙ୍କ ପାଇଁ ସରକାରଙ୍କ ଅନେକ ସୁବିଧା ଏବଂ ସୁରକ୍ଷା ଯୋଜନା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ଜଗନ୍ନାଥ ରାଉତରାୟ ଅତିଥି ପରିଚୟ, ଉପସଭାପତି ବେଣୁଧର ପରିଡା ସ୍ୱାଗତ ଭାଷଣ ରଖିଥିଲେ। ସମ୍ପାଦକ ଗୁଣନିଧି ବଳ ବାର୍ଷିକ ବିବରଣୀ ପାଠ କରିବା ସହ ପୂର୍ବରୁ ମଞ୍ଚକୁ ମିଳିଥିବା ଜମି ଏପର୍ଯ୍ୟନ୍ତ ମିଳି ନ ପାରିବା ନେଇ ଦୁଃଖ ପ୍ରକାଶ କରିଥିଲେ। ମୁଖ୍ୟଅତିଥି ବିଡିଓ ମହାଳିକ ସଭାଗୃହ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ମଞ୍ଚର ୯୨ଜଣ ସଦସ୍ୟଙ୍କୁ ସରକାରଙ୍କଠାରୁ ମିଳିଥିବା ବରିଷ୍ଠ ନାଗରିକ କାର୍ଡକୁ ନେଇ ରାଜକନିକା ଥାନା ଅଧିକାରୀଙ୍କୁ ଧନ୍ୟବାଦ ଦେଇଥିଲେ। ମଞ୍ଚର ବରିଷ୍ଠ ସଭ୍ୟ ଗୌରହରି ସାମଲ ଏବଂ ଦାମୋଦର ଧଳଙ୍କୁ ମଞ୍ଚ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସୁରେଶ ଚନ୍ଦ୍ର ମିଶ୍ର, କୋଷାଧ୍ୟକ୍ଷ ଅଜୟ ରାଉତ, ସହସମ୍ପାଦକ ବିଜୟ କୁମାର ବେହେରା ପ୍ରମୁଖ ସଭାରେ ଉପସ୍ଥିତ ଥିଲେ। ସୁକାନ୍ତ ପାତ୍ର ଧନ୍ୟବାଦ ଦେଇଥିଲେ।

# ନିଶାମୁକ୍ତ ଓଡ଼ିଶା ଜନଜାଗରଣ ଅଭିଯାନ

ମାର୍ଶାଘାଇ,୧୯।୪
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ଓଡ଼ିଶା ପ୍ରଦେଶ କଂଗ୍ରେସ ଦଳିତ ସେଲ୍ ପକ୍ଷରୁ ରାଜ୍ୟ ବ୍ୟାପୀ କରାଯାଉଥିବା 'ନିଶାମୁକ୍ତ ଓଡ଼ିଶା ଜନ ଜାଗରଣ ଅଭିଯାନ'ର ଚତୁର୍ଥ ଦିବସରେ ଶୁକ୍ରବାର ମାର୍ଶାଘାଇରେ ସଚେତନତା ଗାଡ଼ି ପହଞ୍ଚିଥିଲା। ଜୁଣ ଛକରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିବା ପରେ ପଥପ୍ରାନ୍ତ ସଭା କରି ନିଶାମୁକ୍ତ ଓଡ଼ିଶା ଗଠନ ସମ୍ପର୍କରେ ଆଲୋକପାତ କରିଥିଲେ। ମାର୍ଶାଘାଇ ବ୍ଲକ କଂଗ୍ରେସ ସଭାପତି ଶିକ୍ଷାଂଶୁ ଶେଖର ଲେଙ୍କାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ କଂଗ୍ରେସ ଦଳିତ ସେଲ୍ ରାଜ୍ୟ ଅଧ୍ୟକ୍ଷ ମାନସ ମଲ୍ଲିକ, ନାରୀନେତ୍ରୀ ଜୟନ୍ତୀ ମଲ୍ଲିକଙ୍କୁ ସ୍ୱାଗତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ଜିଲା ସମ୍ପାଦକ ଗୌରାଙ୍ଗ ଯେନା, ଭିକାରୀ ଚରଣ ବେଉରା, ପ୍ରଦୀପ ନାୟକ, ଅଲେଖ ନାୟକଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ସତ୍ୟସାଇ ବିଦ୍ୟାବିହାରର ବାର୍ଷିକୋତ୍ସବ

ଆଳି, ୧୯।୪ (ବନମାଳୀ ସେନାପତି)

ଆଳି ନିଆଳ ହାଟସ୍ଥିତ ସତ୍ୟସାଇ ବିଦ୍ୟାବିହାରର ୨୯ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ପରିଷଦ ସଦସ୍ୟ ଜଗତାନନ୍ଦ ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ସତ୍ୟସାଇ ସେବା ସଙ୍ଗଠନର ଜିଲା ସଭାପତି ଉମେଶ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ ସହଦେବ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବରାଜ ନାୟକ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ସଭାପତି ପ୍ରଶାନ୍ତ ମଲ୍ଲିକ, ସମ୍ପାଦକ ଅନନ୍ତ ଚରଣ ଦାସ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବରାହ ପ୍ରସାଦ ପାତ୍ର ଯୋଗଦେଇଥିଲେ। ସତ୍ୟସାଇ ବିଦ୍ୟାବିହାର ବହୁମୁଖୀ ପ୍ରତିଭା ତିଆରି କରିବାର ଏକ ନିର୍ଭରଯୋଗ୍ୟ କାରଖାନା। ଭଗବାନ ସତ୍ୟସାଇଙ୍କ ପ୍ରତ୍ୟକ୍ଷ ଆଶୀର୍ବାଦରେ ଏହି ଅନୁଷ୍ଠାନ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି ଅବସରରେ ଅତିଥିମାନେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିବାବେଳେ ବରାହ ପାତ୍ରଙ୍କ ଦ୍ୱାରା ରଚିତ ନାଟକ 'କହିଲା ପରି କେହି କ'ଣ କରେ' ମଞ୍ଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବେଦପାଠ ଓ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ପ୍ରଧାନ ଶିକ୍ଷକ ପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।


ଫର୍ମ ନଂ. ୩
[ବିନିୟମ – ୧୫(୧)(କ) ଦେଖନ୍ତୁ]

**ଅନାଦାୟ ରଣ ଅସୁଲି ଅପିଲୀୟ ନ୍ୟାୟାଧିକରଣ, କୋଲକାତାଙ୍କ ଇଜିଲାସରେ**

୯, ଓଲ୍ଡ ପୋଷ୍ଟ ଅଫିସ୍ ଷ୍ଟ୍ରିଟ୍, ୭ମ ମହଲା, କୋଲକାତା-୭୦୦୦୦୧
ନିୟମିତ ଅପିଲ ସଂ. ୭/୨୦୨୬

ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡ୍ ..... ଆବେଦନକାରୀ।
ବନାମ
ସିଦ୍ଧାନ୍ତ ନାରାୟଣ ସିଂହଦେଓ ଓ ଅନ୍ୟମାନେ ..... ପ୍ରତିବାଦୀଗଣ।

ପ୍ରାପ୍ତେଷୁ,
(୧) ସୌରେନ୍ଦ୍ର ନାରାୟଣ ସିଂହଦେଓ, ପିତା– ସ୍ୱର୍ଗତ ହୀରେନ୍ଦ୍ର ପ୍ରତାପ ସିଂହଦେଓ, ବାସସ୍ଥାନ– ପ୍ଲଟ୍ ନଂ.୭୩/ଏ, ଫରେଷ୍ଟ ପାର୍କ, ବାପୁଜୀ ନଗର, ୟୁନିଟ୍-୧, ଥାନା– କ୍ୟାପିଟାଲ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା) ଏବଂ ବର୍ତ୍ତମାନ ସି ୨-୯୦୧, ଦ ଲିଜେଣ୍ଡ, ସେକ୍ଟର ୫୭, ଗୁଡ଼ଗାଓଁ, ହରିୟାଣା–୧୨୨୦୦୧ ପ୍ରତିବାଦୀ ସଂ. ୪
(୨) ଶିବାଙ୍ଗୀ ଯାଜୋଡ଼ିଆ, ସ୍ୱାମୀ– ଜୟ କୁମାର ଯାଜୋଡ଼ିଆ, ବାସସ୍ଥାନ– ବାଖରାବାଦ, କଟକ, ପିନ୍ ୭୫୩୦୦୨ ପ୍ରତିବାଦୀ ସଂ. ୫
(୩) ସଂଯୁକ୍ତା ଶାହ ଦେଓ, ସ୍ୱାମୀ– ଡା. କର୍ଣ୍ଣ ଅବତାର ଶାହ ଦେଓ, ପିତା– ହୀରେନ୍ଦ୍ର ପ୍ରତାପ ସିଂହଦେଓ, ସ୍ଥାୟୀ ବାସସ୍ଥାନ– ନୂଆପଡ଼ା ଷ୍ଟ୍ରିଟ, ସ୍ଥାନ/ପୋଷ୍ଟ/ଥାନା: ଭବାନୀପାଟଣା, ଜିଲ୍ଲା– କଳାହାଣ୍ଡି, ପିନ୍ ୭୬୬୦୦୧ (ଓଡ଼ିଶା) ପ୍ରତିବାଦୀ ସଂ. ୭

**ସମନ**

୧. ଉପରୋକ୍ତ, ଆବେଦନକାରୀ ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ର ଧାରା ୧୮ ଅଧୀନରେ, ଡିଆରଟି କଟକଙ୍କ ଦ୍ୱାରା ପାରିତ ଆଦେଶ ବିରୁଦ୍ଧରେ ଏବଂ ଅନ୍ୟାନ୍ୟ ଉପଶମ ପାଇଁ ଏକ ଅପିଲ ଦାଖଲ କରିଅଛନ୍ତି। ଦାବିର ଉତ୍ତର ଦେବା ପାଇଁ ଆପଣଙ୍କୁ ଏତଦ୍ୱାରା ଏହି ନ୍ୟାୟାଧିକରଣଙ୍କ ସମ୍ମୁଖରେ ତା୨୩।୦୬।୨୦୨୬ରିଖ ପୂର୍ବାହ୍ନ ୧୦.୩୦ ଘଟିକା କିମ୍ବା ନ୍ୟାୟାଧିକରଣଙ୍କ ସୁବିଧା ଅନୁଯାୟୀ ତୁରନ୍ତ ତତ୍‌ପଶ୍ଚାତ ଲିଖିତ ବିବୃତି ଦାଖଲ କରିବା ପାଇଁ ସମନ କରାଯାଉଛି।
୨. ଯଦି ଆପଣ କୌଣସି ଦସ୍ତାବିଜ ଦାଖଲ କରିବାକୁ ଚାହୁଁଛନ୍ତି, ତେବେ ଆପଣ ଲିଖିତ ବିବୃତି ସହିତ ସେଗୁଡ଼ିକର ଏକ ତାଲିକା ଦାଖଲ କରିପାରନ୍ତି।
୩. ଆପଣ ବ୍ୟକ୍ତିଗତ ଭାବେ କିମ୍ବା ଜଣେ ଓକିଲ / ଅଧିବକ୍ତାଙ୍କ ମାଧ୍ୟମରେ ନ୍ୟାୟାଧିକରଣଙ୍କ ସମ୍ମୁଖରେ ହାଜିର ହେବା ସମୟରେ ନିର୍ଦ୍ଦେଶ ଅନୁଯାୟୀ ନିଜର ପଞ୍ଜୀକୃତ ଠିକଣା ଏବଂ ହାଜିରାର ଜ୍ଞାପକ ଦାଖଲ କରିବେ।
୪. ନୋଟିସ ଗ୍ରହଣ କରନ୍ତୁ ଯେ, ଉପରେ ଦର୍ଶାଯାଇଥିବା ଦିବସରେ ଆପଣ ହାଜିର ହେବାରେ ବିଫଳ ହେବାରେ ଖିଲାପ କଲେ, କାର୍ଯ୍ୟବିଧିକୁ ଆପଣଙ୍କ ଅନୁପସ୍ଥିତିରେ ଶୁଣାଣି ଓ ବିଚାର କରାଯିବ।
ମୋର ହସ୍ତାକ୍ଷର ଏବଂ ଏହି ନ୍ୟାୟାଧିକରଣର ମୋହର ଅଧୀନରେ ଅଦ୍ୟ ୨୫ ମାର୍ଚ୍ଚ ୨୦୨୬ ଦିନ ପ୍ରଦତ୍ତ।

ସ୍ୱା./- ରେଜିଷ୍ଟ୍ରାର
ଡେବ୍‌ଟ ରିକଭରୀ ଆପିଲେଟ୍ ଟ୍ରାଇବ୍ୟୁନାଲ, କୋଲକାତା



**OFFICE OF THE DIRECTOR, ACHARYA HARIHAR POST GRADUATE INSTITUTE OF CANCER**

(Formerly : Acharya Harihar Regional Cancer Center)
Cuttack-753007 (Odisha)
Tel No. : 0671-2304264, Fax No. : 0671-2304683, Email : ahrccdirector@gmail.com
No.1865/AHPGIC, Cuttack Date : 17.04.2026
TS-1/2017-26

**No.10001/61/2627** : Sealed tenders are invited in two-bid system by the Director, Acharya Harihar Post Graduate Institute of Cancer, Cuttack-753007 for supply of medicines in bulk quantity. The bid document and all details can be downloaded from the website of AHPGIC, www.ahpgic.in.
The tender schedule dates are as mentioned below :

| Sl No. | Particulars | Date & Time |
|---|---|---|
| 1 | Last date & time of tender submission (by speed post/registered post) only | 20.05.2026 by 5 P.M. |
| 2 | Last date & time of receipt of pre-bid queries through mail (ahrccdirector@gmail.com/ntstore.ahrcc.2019@gmail.com) | 29.04.2026 by 4 P.M. |
| 3 | Date and time of pre-bid meeting | 30.04.2026 at 12.30 P.M. |
| 4 | Date & time of opening of technical bid (in presence of bidders/their authorized agents) | 21.05.2026 at 12.30 P.M. |
| 5 | Date of opening of price bids | To be informed to qualified bidders |

The authority reserves the right to accept/reject any/all bids without assigning any reasons thereof.

OIPR-10001/10171/1/26-27/0001
Sd./- Director
AHPGIC, Cuttack



**BHUBANESWAR DEVELOPMENT AUTHORITY**

Akash Shova Building, Sachivalaya Marg, Bhubaneswar-751001
Visit us at : http://www.bda.gov.in

No.13001/224/2627
Bid Identification No. 250

**INVITATIONS FOR BIDS (IFB)**

Dated. 17.04.2026

1. Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites percentage rate bids in **double cover system** conforming to the Detailed Tender Call Notice (DTCN) from Electrical Contractors having **valid HT license** registered under Government of Odisha, having PAN and valid EPF & ESI registration No., GST Registration Certificate for the item of work mentioned in the table below.

| Sl No | Name of work | Estimated Cost (In Rs) | EMD (In Rs) | Cost of Tender Paper (In Rs) | Period of Completion |
|---|---|---|---|---|---|
| (1) | (2) | (3) | (4) | (5) | (6) |
| 1. | Provision of permanent power supply to the Playground at Govt. High School, Saheednagar, Bhubaneswar | 6,89,134.00 | 1% of the estimated cost put to tender. (Through online transfer by the last date & time for receipt of bids) | 4,000/- + GST@18% (Through online transfer by the last date & time for receipt of bids) | 30 (Thirty) days |
| 2. | Provision of permanent power supply to the Playground at Laxmisagar High School, Laxmisagar, Bhuabneswar | 6,72,841.00 | 1% of the estimated cost put to tender. (Through online transfer by the last date & time for receipt of bids) | 4,000/- + GST@18% (Through online transfer by the last date & time for receipt of bids) | 30 (Thirty) days |
| 3. | Provision of permanet power supply to the Playground at Rajdhani College, Baramunda, Bhubaneswar | 5,97,446.00 | 1% of the estimated cost put to tender. (Through online transfer by the last date & time for receipt of bids) | 4,000/- + GST@18% (Through online transfer by the last date & time for receipt of bids) | 30 (Thirty) days |

2. The Bid documents will be available in the website : https://tendersodisha.gov.in from **Dtd.22.04.2026** to **Dtd.07.05.2026** up to **17.00 Hours.**
3. Bids along with cost of tender paper and EMD (Bid Security) shall be received only **"On Line"** on or before **Dtd.07.05.2026** up to **17.00 Hours**. The bidder must possess compatible Digital Signature Certificate (DSC) of Class-III.
4. Other details can be seen in the bidding documents.
5. The authority reserves the right to cancel any or all bids at any moment without assigning any reason thereof.
6. Any addendum/corrigendum/cancellation shall only be uploaded in the website : https://tendersodisha.gov.in

OIPR-13001/13033/1/26-27/0012
Sd./- Executive Engineer, Division-IV, BDA



**Sabarkantha District Cooperative Milk Producers' Union Ltd., Sabar Dairy, Himatnagar**

Sub-Post-Boria, Himatnagar, Dist-Sabarkantha, Gujarat, 383006

Sabar Dairy located at Himatnagar, Sabarkantha, Gujarat is a Cooperative Organization engaged in manufacturing of milk and milk product under the brand name of AMUL through ultra-modern milk processing and manufacturing plant at Himatnagar, Gujarat and other State with annual turnover of Rs.10000 cores plus.

**Recruitments for Odisha**

| Sr. No. | Job Code | Designation | Education Qualification | No. of Post | Age Limit max | Percentage | Experience | Working Location/ Remark |
|---|---|---|---|---|---|---|---|---|
| 1 | OR260301 | Astt. Officer to Sr.Officer or suitable designation | Graduate in any discipline | 1 | 35 | NA | Three years experience in Milk Procurement in Dairy Industry | Location : Odisha Language : Having good knowledge of local language Odia |
| 2 | OR260302 | Jr.Assistant-2 to Assistant or suitable designation | Graduate in any discipline | 3 | 35 | NA | One year experience in Milk Procurement in Dairy industry. Fresher may apply | Location : Odisha Language : Having good knowledge of local language Odia |
| 3 | OR260303 | Trainee Assistant Officer | B.Tech (Dairy Technology) | 6 | 32 | Minimum 6.0 CGPA | Fresher may apply | Location : Odisha Language : Having good knowledge of local language Odia |

Interested candidates may email their complete Bio-data or application format (Visit our website www.sabardairy.org. in carrier section for application format) to jobs@sabardairy.coop within 10 days of publication of this advertisement. In email candidates have to mention job Code in subject. If the candidate is working in the Amul Group Union, they will have to attach an NOC with application.
Union have a reserve the right to fix the Stipend/Training Period/Salary/Designation based on candidate education qualification and experience. The union reserves the right to approve or reject any application.
Based on experience of candidate relaxation will be given in mention criteria.
**Managing Director**



**କେନ୍ଦ୍ରୀୟ ସଂରକ୍ଷିତ ଆରକ୍ଷୀ ବଳ**

**ସିପାହି (ଟେକ୍ନିକାଲ ଓ ଟ୍ରେଡ୍‌ସମେନ୍ ଏବଂ ପାୟୋନିୟର) ପଦବୀ ନିମନ୍ତେ ନିଯୁକ୍ତି-୨୦୨୬**

ହେଲ୍ପଲାଇନ୍ ନଂ. ୦୧୧-୨୬୧୬୦୨୫୫
ଆରମ୍ଭ ତାରିଖ: ୨୦।୦୪।୨୦୨୬
ସମାପ୍ତି ତାରିଖ: ୧୯।୦୫।୨୦୨୬

କେନ୍ଦ୍ରୀୟ ସଂରକ୍ଷିତ ଆରକ୍ଷୀ ବଳ ସିପାହି (ଟେକ୍ନିକାଲ ଓ ଟ୍ରେଡ୍‌ସମେନ୍ ଏବଂ ପାୟୋନିୟର) ପଦବୀ ନିମନ୍ତେ ନିଯୁକ୍ତି ପ୍ରକ୍ରିୟା ସଂଚାଳନ କରିବାକୁ ଯାଉଛି। ସମ୍ପୃକ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ସାଧାରଣ ବାସିନ୍ଦା ହୋଇଥିବା ପୁରୁଷ ଓ ମହିଳା ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ପ୍ରାର୍ଥୀମାନେ ସିଆର୍‌ପିଏଫ୍ ୱେବ୍‌ସାଇଟ ଅର୍ଥାତ୍ https://www.rect.crpf.gov.in ଜରିଆରେ ଆବେଦନ କରିପାରିବେ।

୧. **ପୁରୁଷ ଓ ମହିଳା ପ୍ରାର୍ଥୀଙ୍କ ପାଇଁ ଅଧିସୂଚିତ ଖାଲି ପଦବୀ:**
ସିପାହି (ଟେକ୍ନିକାଲ ଓ ଟ୍ରେଡ୍‌ସମେନ)ର ୯୧୭୫ ଖାଲି ପଦବୀ (ପୁରୁଷ-୯୦୯୬ ଓ ମହିଳା-୭୯) ଏବଂ ସିପାହି (ପାୟୋନିୟର)ର ୨୦ଟି ଖାଲି ପଦବୀ (ପୁରୁଷ)ଗୁଡ଼ିକୁ **ସିପାହି (ଟେକ୍ନିକାଲ ଓ ଟ୍ରେଡ୍‌ସମେନ୍ ଏବଂ ପାୟୋନିୟର) ନିଯୁକ୍ତି-୨୦୨୬** ମାଧ୍ୟମରେ ପୂରଣ କରାଯିବ।
[**ଟିପ୍ପଣୀ**: ଦିଆଯାଇଥିବା ଖାଲି ପଦବୀଗୁଡ଼ିକ ସମ୍ଭାବ୍ୟ ଅଟେ ଏବଂ ପ୍ରଶାସନିକ କାରଣବଶତଃ ତାହା ନିଯୁକ୍ତି ପ୍ରକ୍ରିୟାର ଯେକୌଣସି ସମୟ/ପର୍ଯ୍ୟାୟରେ ବୃଦ୍ଧି କିମ୍ବା ହ୍ରାସିତ ହୋଇପାରେ।]
୨. ସିପାହି (ଟେକ୍ନିକାଲ ଓ ଟ୍ରେଡ୍‌ସମେନ୍) ଏବଂ ସିପାହି (ପାୟୋନିୟର) ପଦବୀ ନିମନ୍ତେ ଖାଲିସ୍ଥାନଗୁଡ଼ିକୁ ଯଥାକ୍ରମେ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳୱାରି ଏବଂ ସର୍ବଭାରତୀୟ ଭିତ୍ତିରେ ପୂରଣ କରାଯିବ। ବିଜ୍ଞାପନ ନୋଟିସ ଏବଂ ପାହ୍ୟା, ବର୍ଗ, ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳୱାରି ଖାଲି ପଦବୀର ବିବରଣୀ ସିଆର୍‌ପିଏଫ୍ ୱେବ୍‌ସାଇଟ ଅର୍ଥାତ୍ https://www.rect.crpf.gov.inରେ ଉପଲବ୍ଧ।
୩. **ବେତନ ହାର:** ବେତନ ସ୍ତର-୩ (ଟ.୨୧,୭୦୦ - ୬୯,୧୦୦)
୪. **ବୟସ ସୀମା:** ତା୦୧।୦୧।୨୦୨୬ରିଖ ସୁଦ୍ଧା ସିପାହି (ଡ୍ରାଇଭର) ପଦବୀ ପାଇଁ ପ୍ରାର୍ଥୀମାନଙ୍କ ବୟସ ସୀମା ହେଉଛି ୨୧ରୁ ୨୭ ବର୍ଷ ଏବଂ ଅବଶିଷ୍ଟ ପଦବୀ/ଟ୍ରେଡ୍‌ଗୁଡ଼ିକ ପାଇଁ ତାହା ୧୮ରୁ ୨୩ ବର୍ଷ ହେବ।
(**ଟିପ୍ପଣୀ:**- ସରକାରୀ ଆଦେଶ ଅନୁଯାୟୀ ଏସ୍‌ସି, ଏସ୍‌ଟି, ଓବିସି, ଏକ୍ସ-ସର୍ଭିସମେନ୍ ଓ ଅନ୍ୟାନ୍ୟ ବର୍ଗର ବ୍ୟକ୍ତିମାନଙ୍କ ନିମନ୍ତେ ବୟସରେ କୋହଳ କରାଯିବ।)
୫. **ଶିକ୍ଷାଗତ ଯୋଗ୍ୟତା:** ଏକ ସ୍ୱୀକୃତିପ୍ରାପ୍ତ ବୋର୍ଡ କିମ୍ବା କେନ୍ଦ୍ର ଅଥବା ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ସର୍ବନିମ୍ନ ମାଟ୍ରିକୁଲେଶନ କିମ୍ବା ସମତୁଲ୍ୟ କିମ୍ବା ପୂର୍ବତନ ସେନା କର୍ମଚାରୀଙ୍କ କ୍ଷେତ୍ରରେ ସମତୁଲ୍ୟ ସେନା ଯୋଗ୍ୟତା।
[**ଟିପ୍ପଣୀ**: ସିପାହି (ଡ୍ରାଇଭର) ଏବଂ ସିପାହି (ମୋଟର ମେକାନିକ ଭେହିକଲ୍) ପଦବୀ ପାଇଁ ବୈଷୟିକ ଯୋଗ୍ୟତା ନିର୍ଦ୍ଧାରିତ ହୋଇଛି। ଏ ବାବଦରେ ବିଜ୍ଞାପନ ନୋଟିସ ଦେଖନ୍ତୁ।]
୬. **କେମିତି ଆବେଦନ କରିବେ:** ଆବେଦନ କେବଳ ଅନ୍‌ଲାଇନ ପ୍ରଣାଳୀ ଜରିଆରେ ଦାଖଲ କରାଯିବା ଜରୁରୀ। ପ୍ରାର୍ଥୀମାନେ ସିଆର୍‌ପିଏଫ୍ ୱେବ୍‌ସାଇଟ ଅର୍ଥାତ୍ https://www.rect.crpf.gov.in ଜରିଆରେ ସେମାନଙ୍କର ଆବେଦନ ଦାଖଲ କରିପାରିବେ। ପଞ୍ଜୀକରଣ ତା୨୦।୦୪।୨୦୨୬ରିଖଠାରୁ ଆରମ୍ଭ ହେବ।
[**ଟିପ୍ପଣୀ**: ବିଜ୍ଞାପନ ନୋଟିସ ସିଆର୍‌ପିଏଫ୍ ୱେବ୍‌ସାଇଟ ଅର୍ଥାତ୍ https://www.rect.crpf.gov.inରେ ଉପଲବ୍ଧ]

ଡିଆଇଜି (ନିଯୁକ୍ତି), ମହାନିର୍ଦ୍ଦେଶାଳୟ
କେନ୍ଦ୍ରୀୟ ସଂରକ୍ଷିତ ଆରକ୍ଷୀ ବଳ

cbc 19140/11/0001/2627

# ଜିଲା ରକ୍ତଭଣ୍ଡାରରେ ରକ୍ତ ଅଭାବ

- ୨୪ ଘଣ୍ଟିଆ ରକ୍ତ ଯୋଗାଣ ପାଇଁ ଷ୍ଟାଫ୍ ନାହାନ୍ତି
- ବିସିଏସ୍‌ୟୁ ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି
- ଡାକ୍ତରଖାନାରୁ ବ୍ଲଡ ବ୍ୟାଙ୍କ ୩୦୦ ଟଙ୍କାର ବାଟ

କେନ୍ଦ୍ରାପଡ଼ା, ୧୯।୪ (ଜଗନ୍ନାଥ ଧଳ)




କେନ୍ଦ୍ରାପଡ଼ା ଜିଲାରେ ସ୍ୱାସ୍ଥ୍ୟ ସେବା ପାଇଁ ସର୍ବଦା ଅଭିଯୋଗ ଉଠୁଛି। ଏଥିରେ ଏବେ ବ୍ଲଡ ବ୍ୟାଙ୍କ ସମସ୍ୟା ଯୋଡି ହୋଇଛି। ଜିଲାର ଏକମାତ୍ର ରକ୍ତ ଭଣ୍ଡାରରେ ଘୋର ରକ୍ତ ସଙ୍କଟ ଦେଖାଦେଇଛି। ମାସକୁ ଅନ୍ୟୂନ ୬୦୦ରୁ ୭୦୦ ୟୁନିଟ ରକ୍ତ ଆବଶ୍ୟକ ଥିବାବେଳେ ଅଦ୍ୟାବଧି ୨୦୦ ୟୁନିଟ ମଧ୍ୟରେ ଷ୍ଟକ ରହିଛି। ଫଳରେ ଥାଲାସେମିଆ, ପ୍ରସୂତି ଓ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ରକ୍ତ ଯୋଗାଇବା ଅସମ୍ଭବ ହେଉଛି। ଅପରପକ୍ଷରେ ୬ଟି ସ୍ଥାନରେ ୩ ଲାବୋରେଟୋରି ଟେକ୍ନିସିଆନଙ୍କୁ ଛାଡି ଦେଲେ ୨ ନର୍ସ, ୨ ଆଟେଡାଣ୍ଟ ଓ ୨ ସୁଇପର ପଦବୀ ପୂରଣ ହୋଇନାହିଁ। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟଠାରୁ ପ୍ରାୟ ୫ କିଲୋମିଟର ଦୂରରେ ଥିବା ଏହି ରକ୍ତ ଭଣ୍ଡାରକୁ ଯାତାୟାତ ପାଇଁ ଅଟୋରେ ଅନ୍ୟୂନ ୩୦୦ ଟଙ୍କା ଖର୍ଚ୍ଚ ହେଉଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ଲଡ କମ୍ପୋନେଣ୍ଟ ସେପାରେଶନ ୟୁନିଟ (ବିସିଏସ୍‌ୟୁ) ପ୍ରତିଷ୍ଠା ପାଇଁ ଦାବି ହେଉଛି। ବ୍ଲଡ ବ୍ୟାଙ୍କର ଏହି ରକ୍ତାଭାବ ପାଇଁ ଯଥେଷ୍ଟ ସଚେତନତା ସୃଷ୍ଟି ହେଉ ନ ଥିବାରୁ ଉକ୍ତ ସ୍ଥିତି ସୃଷ୍ଟି ହୋଇଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

ଏ ସମ୍ପର୍କରେ ସାମାଜିକ କର୍ମୀ ମନୋଜ କୁମାର ନାୟକ କହିଛନ୍ତି, କେନ୍ଦ୍ରାପଡ଼ା ବ୍ଲକ ଇନ୍ଦୁପୁରର ସୂଚିସ୍ମିତା ସାମଲ(୧୧) ଥାଲାସେମିଆ ରୋଗୀ। ପ୍ରତିମାସ ତାଙ୍କର ରକ୍ତ ଆବଶ୍ୟକ। ରକ୍ତଭଣ୍ଡାରରେ ଆବଶ୍ୟକ ରକ୍ତ ନ ଥିବାରୁ ନିରାଶ ହୋଇ ଘରକୁ ଫେରୁଛନ୍ତି। ଶରୀରର ହିମୋଗ୍ଲୋବିନ କମିବାରୁ ନିସ୍ତେଜ ହୋଇପଡୁଛନ୍ତି। ଝିଅର ବାପା କୈଳାସଙ୍କ ଯୋଗାଯୋଗ ପରେ ଦୁଇଦିନ ପୂର୍ବେ ରକ୍ତଦାନ କରିଛନ୍ତି। କେବଳ ସୂଚିସ୍ମିତା ନୁହନ୍ତି, ତାଙ୍କ ପରି ପ୍ରାୟ ୧୨୦ ଜଣ ଥାଲାସେମିଆ ରୋଗୀ ଜିଲାରେ ଅଛନ୍ତି। ସେହିପରି ଫକିରାବାଦର ଏକ ଶିଶୁଙ୍କ ରକ୍ତ ଆବଶ୍ୟକ। ମାତ୍ର ଜିଲାରେ ବିସିଏସ୍‌ୟୁ ନ ଥିବାରୁ କଟକ ରେଫର କରାଯାଉଛି। ଆର୍ଥିକ ସମ୍ବଳ ବିହୀନ ଏହି ପରିବାର ଶିଶୁଟିର ଜୀବନ ବଞ୍ଚାଇବା ଚିନ୍ତାରେ ଅଛନ୍ତି। ଏହା ବ୍ୟତୀତ ବିଭିନ୍ନ କ୍ଷେତ୍ରର ସ୍ୱାସ୍ଥ୍ୟ ସେବା ପାଇଁ ଅନ୍ୟୂନ ୭୦୦ ୟୁନିଟ ରକ୍ତ ଆବଶ୍ୟକ। ବୁଦ୍ଧିଜୀବୀ ପ୍ରଶାନ୍ତ କୁମାର ନାୟକ କହିଛନ୍ତି, ଦୀର୍ଘଦିନର ପ୍ରତୀକ୍ଷା ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ସହରର ଖଡିଅଙ୍ଗରୁ ସାମଗୁଡିଆକୁ ଗତ ୨୦୨୩ ଜାନୁଆରୀରେ ସ୍ଥାନାନ୍ତର ହୋଇଛି। ପୁରୁଣାରୁ ନୂଆ ଚିକିତ୍ସାଳୟ ସ୍ଥାନର ଦୂରତା ୫ କିଲୋମିଟର। ରକ୍ତର ଆବଶ୍ୟକତା ପୂରଣ ପାଇଁ ଏହି ଦୂରତା ଯାତାୟାତ କରିବାକୁ ଅଟୋ ଭଡା ପ୍ରାୟ ୩୦୦ ଟଙ୍କା ଲାଗୁଛି। ରୋଗୀଙ୍କ ସମ୍ପର୍କୀୟ ଏଥିପାଇଁ ବିଶେଷ ଅସୁବିଧାରେ ପଡୁଛନ୍ତି। ବିଜ୍ଞାନ ପଥରେ ଯାଇ ମଣିଷ କୃତ୍ରିମ ଭାବେ ବହୁ ଜିନିଷ ଆଗକୁ ଆଣୁଛନ୍ତି। ତେବେ ଏଯାଏ କୃତ୍ରିମ ରକ୍ତ ସୃଷ୍ଟି ହୋଇପାରିନାହିଁ। ଏଥିପାଇଁ ରକ୍ତଦାନ ଏକ ମହାପୁଣ୍ୟ ଭାବେ ଗ୍ରହଣ କରାଯାଉଛି। ତେବେ ଜିଲାର ଏକମାତ୍ର ଏହି ରକ୍ତଭଣ୍ଡାରରେ ହେଉଥିବା ରକ୍ତାଭାବ ସମ୍ପର୍କରେ କର୍ମଚାରୀ ନ ଥିବାରୁ ସଚେତନତା କାର୍ଯ୍ୟକ୍ରମ ସକ୍ରିୟ ହେଉନାହିଁ। କେତେକ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ କ୍ୟାମ୍ପ ଯୋଗୁ ସାମୟିକ ଭାବେ ରକ୍ତ ଅଭାବ ପୂରଣ ହେଉଛି। ଜିଲା ଭାଜପା ପୂର୍ବତନ ସଭାପତି କିଶୋର କୁମାର ପଣ୍ଡା କହିଛନ୍ତି, ଖରାଦିନ ପାଇଁ ରକ୍ତ ସଂଗ୍ରହରେ ବାଧା ସୃଷ୍ଟି ହୋଇଛି। ଜିଲାରେ ଏନ୍‌ଏଟିପିସିଆର୍ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ବ୍ୟବସ୍ଥା କରିଛନ୍ତି। ତେବେ ନୂତନ ଚିକିତ୍ସାଳୟର ଆନୁଷଙ୍ଗିକ ବ୍ୟବସ୍ଥା ହୋଇ ନ ଥିବାରୁ ରକ୍ତଭଣ୍ଡାର ଅଦ୍ୟାବଧି ସ୍ଥାନାନ୍ତର ହୋଇନାହିଁ। ରାଜ୍ୟ ସରକାରଙ୍କ ଓଡ଼ିଆ ପକ୍ଷ ଯୋଜନାରେ କିଛି ପରିମାଣରେ ରକ୍ତ ସଂଗ୍ରହ ହୋଇଛି। ଏ ସମ୍ପର୍କରେ ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରେ ରକ୍ତଭଣ୍ଡାରରେ ରକ୍ତାଭାବ ସମସ୍ୟା ରହୁଛି। ଏହାର ନିରାକରଣ ପାଇଁ ବିଭିନ୍ନ ଅନୁଷ୍ଠାନ ସହିତ ଯୋଗାଯୋଗ କରାଯାଇ କ୍ୟାମ୍ପ କରାଯାଉଛି। ରକ୍ତଭଣ୍ଡାର କର୍ମଚାରୀ ସମସ୍ୟା ନିକଟରେ ସମାଧାନ ହେବ ବୋଲି ସେ କହିଛନ୍ତି।

# ବିଶ୍ୱରେ ୭ ଦ୍ୱୀପ ମଧ୍ୟରେ ଜମ୍ବୁଦ୍ୱୀପ ଶ୍ରେଷ୍ଠ



ମା' ରାମଚଣ୍ଡୀ ପୀଠରେ ଜମ୍ବୁଦ୍ୱୀପ ମହୋତ୍ସବର ଅନ୍ତିମ ସନ୍ଧ୍ୟାରେ ଅତିଥିମାନେ।

## ଜମ୍ବୁଦ୍ୱୀପ ମହୋତ୍ସବର ଅନ୍ତିମ ସନ୍ଧ୍ୟା

ମହାକାଳପଡ଼ା, ୧୯।୪(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ରାମଚଣ୍ଡୀ ପୀଠ ନିକଟରେ ଚାଲିଥିବା ଜମ୍ବୁଦ୍ୱୀପ ମହୋତ୍ସବର ରବିବାର ଅନ୍ତିମ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ଯୋଗଦେଇ ପ୍ରଥମେ ଶ୍ରୀ ଶ୍ରୀ ଜଗନ୍ନାଥ ଓ ମା' ରାମଚଣ୍ଡୀଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଜମ୍ବୁଦ୍ୱୀପ ମହୋତ୍ସବ କେନ୍ଦ୍ରାପଡ଼ା ଜିଲା ତଥା ରାଜ୍ୟର ଗର୍ବ ଓ ଗୌରବ ଏବଂ ଓଡ଼ିଆ ଅସ୍ମିତାର ପରିଚୟ। ବିଶ୍ୱରେ ଥିବା ୭ ଦ୍ୱୀପ ମଧ୍ୟରେ ଜମ୍ବୁଦ୍ୱୀପ ଶ୍ରେଷ୍ଠ ବୋଲି ମତବ୍ୟକ୍ତ କରିଥିଲେ। ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକଙ୍କ ପରିକଳ୍ପନା ଓ ଉଦ୍ୟମକୁ ମୁଖ୍ୟ ଅତିଥି ଉଚ୍ଚ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ରାଜନଗର ବନଖଣ୍ଡ ଅଧିକାରୀ ଭରଦ୍ୱାଜ ଗାଁଓକର ପ୍ରଥମଥର ଏହି ମହୋତ୍ସବ ଦେଖି ଖୁବ୍ ଭାବବିହ୍ୱଳ ହୋଇପଡ଼ିଥିଲେ। ଆଗାମୀ ପିଢ଼ି ପାଇଁ ଓଡ଼ିଆ ଅସ୍ମିତାର ଅନ୍ୟନାମ ଜମ୍ବୁଦ୍ୱୀପ ମହୋତ୍ସବ ବୋଲି ସେ କହିଛନ୍ତି। ସେହିପରି ଅତିରିକ୍ତ ଜିଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲିକ, ଉପଜିଲାପାଳ ଅରୁଣ କୁମାର ନାୟକ, ବ୍ଲକ ଅଧ୍ୟକ୍ଷା ମୀରାରାଣୀ ମହାନ୍ତି, ତହସିଲଦାର ତଥା ମନ୍ଦିର ସୋଲ ଟ୍ରଷ୍ଟ ରବି ନାରାୟଣ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଜମ୍ବୁଦ୍ୱୀପ ମହୋତ୍ସବ ଉପରେ ଆଲୋକପାତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କଳାକାରମାନଙ୍କୁ ମହୋତ୍ସବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚ ସମ୍ମୁଖରେ ଉପସ୍ଥିତ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଆମ୍ବ ଅଧ୍ୟକ୍ଷ ହିମାଂଶୁ ଶେଖର ପ୍ରଧାନ, ବିକ୍ରମ କେଶରୀ ରାଉତରାୟ, ପ୍ରଶାନ୍ତ କୁମାର ସେଠୀ, ବିକ୍ରମାଦିତ୍ୟ ସାହୁ, କ୍ରିଷ୍ଣପଦ ମଣ୍ଡଳ, ଅଭିଜିତ୍ ଗୌତମ ଦାସଙ୍କ ସମେତ ବହୁସଂଖ୍ୟକ ଦର୍ଶକ ଉପସ୍ଥିତ ଥିଲେ।

# ପୋଖରୀରେ ବୁଡ଼ି ନାବାଳକ ମୃତ

ଦଶରଥପୁର,୧୯।୪ (ସୁଶାନ୍ତ କୁମାର ବେହୁରିଆ):



ଦଶରଥପୁର ବ୍ଲକ କମାରଡିହ ପଞ୍ଚାୟତ କମାର ଗ୍ରାମରେ ରବିବାର ପୋଖରୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ସେହେଲେ ସନ୍ତୋଷ ପଣ୍ଡାଙ୍କ ପୁଅ ସାର୍ଥକ ପଣ୍ଡା(୧୨)। ନାବାଳକ ଅପରାହ୍ନ ୧ରେ ଘର ନିକଟ ଗ୍ରାମ ପୋଖରୀରେ ଗାଧୋଉଥିବାବେଳେ ଗୋଡ଼ ଖସିଯିବାରୁ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସାର୍ଥକଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# କରଦା ଆଞ୍ଚଳିକ ଉନ୍ନୟନ ପରିଷଦ ପକ୍ଷରୁ ଜଳଛତ୍ର



ପାଣିକୋଇଲି,୧୯।୪(ବିକାଶ ଚନ୍ଦ୍ର ମଲ୍ଲିକ):

କୋରେଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତ ସପ୍ତାହିକ ହାଟରେ କରଦା ଉନ୍ନୟନ ପରିଷଦ ପକ୍ଷରୁ ଏକ ଜଳଛତ୍ର ଉଦ୍‌ଘାଟିତ ହୋଇଯାଇଛି। ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଖବରଦାତା ସୁବାସ ଧଳ, ପ୍ରଦୀପ ମାଝୀ ପ୍ରମୁଖ ଯୋଗେଦଇଥିଲେ। ପ୍ରତିହାଟ ପାଳିରେ ଏହି ଜଳଛତ୍ର ଚାଲୁରହିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଥିଲା। ନାରାୟଣ ଚନ୍ଦ୍ର ନାୟକ, ସୁଶିଲ ବେହେରା, ଶରତ ଖଣ୍ଡାଇ, ସନ୍ତୋଷ ପଣ୍ଡା, ଭାସ୍କର ଚନ୍ଦ୍ର ସାହୁ ମାର୍କଣ୍ଡ ସାହୁ, ସନ୍ତୋଷ ପଣ୍ଡା, ଜିତେନ୍ଦ୍ର ମାଝୀ, ସୁଦାମ ସାହୁ, ଲକ୍ଷ୍ମୀଧର ମଲିକ, ସୁରେନ୍ଦ୍ର ସାହୁ, ଶମ୍ଭୁ ମଲିକ, ଅଭି ମଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କାର୍ ଦୁର୍ଘଟଣାରେ ୪ ଆହତ

ଧର୍ମଶାଳା,୧୯।୪(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବାରବାଟୀ ପରିବା ମାର୍କେଟ ଓଭରବ୍ରିଜ୍‌ରେ ରବିବାର ସନ୍ଧ୍ୟାରେ କାର ଦୁର୍ଘଟଣାରେ ୪ ଜଣ ଆହତ ହୋଇଛନ୍ତି। ସେମାନେ ଧର୍ମଶାଳା ମେଡିକାଲରେ ଚିକିତ୍ସିତ ହେବାପରେ ଘରକୁ ଫେରିଛନ୍ତି। ଭୁବନେଶ୍ୱର ଅଭିମୁଖେ ଆସୁଥିବା ଏକ କାରକୁ କୌଣସି ଏକ ଗାଡ଼ି ପାର୍ଶ୍ୱରୁ ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ଭାରସାମ୍ୟ ହରାଇ ଉକ୍ତ କାର୍ ଆଗରେ ଯାଉଥିବା ଏକ କାରକୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଦୁଇ କାର ରାସ୍ତା ଉପରେ ରହିଥିବାରୁ କିଛି ସମୟ ଧରି ଗାଡି ଚଳାଚଳ ବନ୍ଦ ରହିଥିଲା। ପୋଲିସ ପହଞ୍ଚି ଗାଡ଼ି ଚଳାଚଳ ସ୍ୱାଭାବିକ କରିଥିଲା। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଚନ୍ଦ୍ରଶେଖର


@ ଅଜୟ


@ ହରିଶ


@ ଜିସୁ


@ ବିଦ୍ୟାଭୂଷଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୬ ମାସ ହେଲା ନିର୍ମାଣ ସରିଲାଣି, ହସ୍ତାନ୍ତର ହେଉନି

## ରାଜନଗର ଆଦର୍ଶ ବିଦ୍ୟାଳୟ ସ୍ଥାନାନ୍ତର ପାଇଁ ଦାବିପତ୍ର

ରାଜନଗର, ୧୯।୪ (ଭାସ୍କର ରାଉତରାୟ)



ରାଜନଗର ଉଚ୍ଚ ବିଦ୍ୟାଳୟ ପରିସରରେ ଆଦର୍ଶ ବିଦ୍ୟାଳୟ ୫ ବର୍ଷ ହେଲା ଅସ୍ଥାୟୀ ଭାବେ ଚାଲିଛି। ନୂତନ ଗୃହ ୬ମାସ ହେଲା ନିର୍ମାଣ ସରିଥିବା ବେଳେ ଏଯାଏ ପ୍ରଶାସନକୁ ହସ୍ତାନ୍ତର ହୋଇନାହିଁ। ଫଳରେ ପିଲାମାନଙ୍କ ବହୁ ଅସୁବିଧା ହେଉଛି।

ଗୋଟିଏ ଶ୍ରେଣୀ କକ୍ଷରେ ୮୪ ଛାତ୍ରୀଛାତ୍ର ବସି ପାଠ ପଢୁଛନ୍ତି। ଜାଗା ନ ଥିବାରୁ ପିଲାମାନେ ଜାକିଜୁକି ହୋଇ ବସୁଛନ୍ତି। ବାରଣ୍ଡାରେ ମଧ୍ୟାହ୍ନଭୋଜନ ରୋଷେଇ ହେଉଛି। ବିଜ୍ଞାନାଗାର, ଲାଇବ୍ରେରି, କମ୍ପ୍ୟୁଟର ଲ୍ୟାବ୍ ନାହିଁ। ଆଦର୍ଶ ବିଦ୍ୟାଳୟରେ ୪ ବର୍ଷ ହେଲା ଛାତ୍ରୀଛାତ୍ରମାନେ ପାଠ ପଢୁଛନ୍ତି। ଚଳିତ ବର୍ଷ ରାଜନଗର ଆଦର୍ଶ ବିଦ୍ୟାଳୟକୁ ୫ବର୍ଷ ଚାଲିବ। ଚଳିତ ବର୍ଷ ଷଷ୍ଠ ଶ୍ରେଣୀରେ ନାମ ଲେଖାଇଥିବା ଛାତ୍ରୀଛାତ୍ର ବସି ପାଠ ପଢିବାକୁ ରାଜନଗର ଉଚ୍ଚ ବିଦ୍ୟାଳୟରେ ଆଉ ଶ୍ରେଣୀ କକ୍ଷ ନାହିଁ। ଏପରିସ୍ଥିତିରେ ନିର୍ମାଣ ହୋଇଥିବା ଆଦର୍ଶ ବିଦ୍ୟାଳୟ ନୂତନ ଘରକୁ ସ୍ଥାନାନ୍ତର ନ ହେଲେ ଷଷ୍ଠ ଶ୍ରେଣୀ ଛାତ୍ରୀଛାତ୍ର ପାଠ ପଢି ପାରିବେ ନାହିଁ। ଏହାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଗତବର୍ଷ ଜୁଲାଇରେ ରାଜନଗରରେ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପହଞ୍ଚି ଅଭିନବ ପ୍ରତିବାଦ କରିଥିଲେ। ଏକ ମାସ ମଧ୍ୟରେ ନୂତନ ଗୃହକୁ ବିଦ୍ୟାଳୟ ସ୍ଥାନାନ୍ତର ହେବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ହେଲେ ୯ ମାସ ବିତି ଯାଇଥିଲେ ବି ସ୍ଥିତିରେ କୌଣସି ପରିବର୍ତ୍ତନ ଆସିନାହିଁ। ଏହାକୁ ନେଇ ଅଭିଭାବକମାନେ କେନ୍ଦ୍ରାପଡ଼ା ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ରାଜନଗର ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି। ରାଜନଗର ବ୍ଲକରେ ଆଦର୍ଶ ବିଦ୍ୟାଳୟ ୨୦୨୨ ମସିହାରୁ ଅସ୍ଥାୟୀ ଭାବେ ରାଜନଗର ହାଇସ୍କୁଲ ପରିସରରେ ଚାଲିଛି। ରାଜନଗର ବ୍ଲକର ବାଘତୈଳାଠାରେ ୨୦୨୧ରୁ ଆଦର୍ଶ ବିଦ୍ୟାଳୟ ଗୃହ ନିର୍ମାଣ କାମ ମନ୍ଥର ଗତିରେ ଚାଲିଛି । ବାରମ୍ବାର ରିଭାଇଜ ଏଷ୍ଟିମେଟ କରି ସରକାରୀ ଅର୍ଥ ଲୁଟିବା ପାଇଁ ନିମ୍ନମାନର କାମ ମନ୍ଥର ଗତିରେ ହେବା ପରେ ୬ ମାସ ତଳୁ ଆଦର୍ଶ ବିଦ୍ୟାଳୟ କାମ ସରିଛି। ଆଜିକାଲି କହି ଗ୍ରାମ୍ୟ ଉନ୍ନୟନ ବିଭାଗ ଆଦର୍ଶ ବିଦ୍ୟାଳୟ ବିଲ୍‌ଡିଂ ହସ୍ତାନ୍ତର କରୁନାହିଁ। ଫଳରେ ୪୨୦ ଛାତ୍ରୀଛାତ୍ର ପାଠ ପଢ଼ିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ଦେଶ ବିକାଶ ପାଇଁ ଚାପମୁକ୍ତ ସାମ୍ବାଦିକତା ଜରୁରୀ

## ବିଞ୍ଝାରପୁର ସାମ୍ବାଦିକ ୟୁନିୟନର ୧୨ଶ ବାର୍ଷିକ ଉତ୍ସବ

ସିଂହପୁର,୧୯।୪ (ଅନଙ୍ଗ ଉଦୟ ବେଉରିଆ):



ବିଞ୍ଝାରପୁର ସାମ୍ବାଦିକ ୟୁନିୟନର ୧୨ଶ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅଧୀନ ବିଞ୍ଝାରପୁର ସାମ୍ବାଦିକ ୟୁନିୟନର ୧୨ତମ ବାର୍ଷିକ ଉତ୍ସବ ଓ ଯାଜପୁର ଜିଲା ସାମ୍ବାଦିକ ୟୁନିୟନର ସାଧାରଣ ପରିଷଦ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବରୁଣେଶ୍ୱର ମହାବିଦ୍ୟାଳୟ ପରିସରସ୍ଥିତ ଅଡିଟୋରିୟମଠାରେ ବିଞ୍ଝାରପୁର ସାମ୍ବାଦିକ ୟୁନିୟନର ବରିଷ୍ଠ ଉପଦେଷ୍ଟା ରବୀନ୍ଦ୍ର ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଯାଜପୁର ଅତିରିକ୍ତ ଏସ୍‌ପି ରତିକାନ୍ତ ଗିରି, ମୁଖ୍ୟବକ୍ତାଭାବେ ଓୟୁଜେ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି, ସମ୍ମାନିତ ଅତିଥିଭାବେ ଓୟୁଜେ ରାଜ୍ୟ ସମ୍ପାଦକ କିଷାନ ରାଉତ, ବିଞ୍ଝାରପୁର ବ୍ଲକ୍ ଅଧ୍ୟକ୍ଷା ରଞ୍ଜିତା ଦାସ, ଶିକ୍ଷାବିତ ବଟକୃଷ୍ଣ ମହାପାତ୍ର, ରାଜ୍ୟ ଆଇନଜୀବୀ ପରିଷଦ ଉପାଧ୍ୟକ୍ଷ ରାଜୀବ ମହାନ୍ତି, ବିଞ୍ଝାରପୁର ସାମ୍ବାଦିକ ୟୁନିୟନର ବରିଷ୍ଠ ଉପଦେଷ୍ଟା ଦିଲୀପ ରାଉଳ, ଜେୟୁଜେ ସଭାପତି ଅରୁଣ ରାଉତରାୟ, ସମ୍ପାଦକ ଚନ୍ଦ୍ରଶେଖର ସାହୁ ପ୍ରମୁଖ ଯୋଗଦେଇ କହିଛନ୍ତି, ସମ୍ପ୍ରତି ଗଣମାଧ୍ୟମ ଅନେକ କ୍ଷେତ୍ରରେ ଚାପଯୁକ୍ତ ହୋଇ କାର୍ଯ୍ୟକରୁଛି। ଆକ୍ରମଣର ଶିକାର ହେଉଛନ୍ତି ଗଣମାଧ୍ୟମର ପ୍ରତିନିଧିମାନେ, ଯାହା ସମାଜ ପାଇଁ ଶୁଭଙ୍କର ନୁହେଁ। ତେଣୁ ଦେଶ ଓ ରାଜ୍ୟର ବିକାଶ ପାଇଁ ଚାପମୁକ୍ତ ସାମ୍ବାଦିକତା ଜରୁରୀ ବୋଲି ସେମାନେ ମତବ୍ୟକ୍ତ କରିବା ସହ ଗଣମାଧ୍ୟମର ପ୍ରତିନିଧିଙ୍କ ଲାଗି ସୁରକ୍ଷା ଆଇନ, ପେନସନ ଓ ବୀମା ରାଶି ବୃଦ୍ଧି ପାଇଁ ଦାବି କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ପ୍ରତିଭାସମ୍ପନ୍ନ ବ୍ୟକ୍ତିତ୍ୱ ଭାବେ ପ୍ରାକ୍ତନ ଯାଜପୁର ଜିଲାପରିଷଦ ସଭାପତି ସୁଶାନ୍ତ ମିଶ୍ର, ବିଞ୍ଝାରପୁର ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ, ଅଳକୁଣ୍ଡ ଥାନା ଅଧିକାରୀ ବିଭୁପ୍ରସାଦ ରାଉତ, ବରୁଣେଶ୍ୱର ମହାବିଦ୍ୟାଳୟ ଅଧ୍ୟକ୍ଷା ବିନ୍ଦୁରେଖା ନାୟକ, ନାଟ୍ୟକାର ଦୀପକ ଜେନା, ସାମାଜିକ କର୍ମୀ ସ୍ମୃତିରଞ୍ଜନ ସାହୁ ପ୍ରମୁଖଙ୍କୁ ମାନପତ୍ର, ଉତ୍ତରୀୟ ପ୍ରାଦନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିଞ୍ଝାରପୁର ସାମ୍ବାଦିକ ୟୁନିୟନର ସଭାପତି ଦେବପ୍ରସାଦ ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ଖବରଦାତା, ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାହିତ୍ୟିକ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବିଞ୍ଝାରପୁର ସାମ୍ବାଦିକ ୟୁନିୟନର କର୍ମକର୍ତ୍ତା ସେକ ସନୱାର, ବିଶ୍ୱଜିତ ନାୟକ, ସୀତାକାନ୍ତ ସାମଲ, ସତ୍ୟରଞ୍ଜନ ମଲ୍ଲିକ, ସଂକର୍ଷଣ ସାମଲ, ସୁରେନ୍ଦ୍ର ସାମଲ, ଅନଙ୍ଗ ଉଦୟ ବେଉରିଆ, ପ୍ରଦୀପ ମଲ୍ଲିକ ଓ ନିମାଇଁ ଘଡ଼ାଇ ପ୍ରମୁଖ ପରିଚାଳନା କରିଥିଲେ। ଉପସଭାପତି ଗୁଲସହାନ ନୱାଜ ଅଲି ଖାଁ ଧନ୍ୟବାଦ ଦେଇଥିଲେ।

# ଉପେକ୍ଷିତ ଶିମିଳି ଝରଣା

## ୨୫ ଲକ୍ଷ ବ୍ୟୟର ମିଳୁନି ହିସାବ

■ଅଧାପନ୍ତରିଆ କାମ ଝରଣାକୁ ବିକୃତ କରିଦେଲା
■ମୁଖ୍ୟ ଝରଣାର ଜଳଧାର ଦିଗଭ୍ରଷ୍ଟ

ନୟାଗଡ଼,୧୯।୪(ଲୋକନାଥ ମିଶ୍ର)



ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ କଜଳାଇପଲ୍ଲୀ ପଞ୍ଚାୟତ ଶିମିଳି ଝରଣା ଉପେକ୍ଷିତ ହୋଇ ରହିଗଲା। ପର୍ଯ୍ୟଟନ ବିଭାଗ ପକ୍ଷରୁ ୨୫ ଲକ୍ଷ ଟଙ୍କା ଗତ ସରକାର ସମୟରେ ଦେଇଥିବାବେଳେ କେଉଁଠି କ'ଣ କାମ ହୋଇଛି ତାହା ଜଣାପଡୁନାହିଁ। ସେପଟେ ଅଧାନ୍ତରିଆ କାମ ଶିମିଳି ଝରଣାକୁ ବିକୃତ କରିଦେଲା ବୋଲି ଅଭିଯୋଗ ହୋଇଆସୁଛି। ଝରଣାଟି ଗ୍ରୀଷ୍ମଋତୁରେ ପ୍ରବାହିତ ହେଉଥିଲେ ମଧ୍ୟ ଏହାର ମୁଖ୍ୟ ସ୍ଥାନରେ ଅଧାପନ୍ତରିଆ ବ୍ରିଜ୍ କରିଦେବା ପରେ ତାହା ଝରଣାର ସୌନ୍ଦର୍ଯ୍ୟକୁ ବାଟବଣା କରି ପକାଇଛି।

ଶିମିଳି ଝରଣା ରହିଛି ଆଦିବାସୀ ଗାଁ ଶିମିଳିଠାରୁ ୧କି.ମି. ଦୂରରେ। ଝରଣାର ଚତୁଃପାର୍ଶ୍ୱରେ ଘେରିରହିଛି ସବୁଜ ପାହାଡ଼, ଶିଶୁ ଓ ଅନ୍ୟ ମୂଲ୍ୟବାନ୍ ଗଛର ଜଙ୍ଗଲ ଓ ଔଷଧୀୟ ବୃକ୍ଷରାଜି। ୪ କି.ମି. ବ୍ୟାପିଥିବା ଏହି ଝରଣା ଟାମଣା ମୁଣ୍ଡିଆଠାରୁ ଆରମ୍ଭହୋଇ ଚକା ଆମ୍ବ, ଶିମଳିଗଣ୍ଡ, ଗର୍ଭୁଣୀ ଠାକୁରାଣୀଙ୍କ ପାଦଦେଶ ଦେଇ ଉସେଇନାଗଝର ନଦୀରେ ମିଶିଛି। ମୁଣ୍ଡିଆ ଉପରେ ଶାନ୍ତ, ମନୋଲୋଭା ପରିବେଶ ମଧ୍ୟରେ ପୂଜା ପାଉଛନ୍ତି ଗର୍ଭୁଣୀ ଠାକୁରାଣୀ। ବର୍ଷକୁ ଥରେ ଗହ୍ମାପୂର୍ଣ୍ଣିମାରେ ଏହି ପୀଠରେ ଗହଳି ହୁଏ। ଶିମିଳି ଓ ଖଳିସାହି ଲୋକଙ୍କର ଗହ୍ମାପୂର୍ଣ୍ଣିମା ଏକ ମୁଖ୍ୟ ପର୍ବ। କୁକୁଡ଼ା ଓ ଛେଳି ଏଠାରେ ବଳିପଡ଼େ। ଏହି ଦିବସରେ ଆଦିବାସୀମାନେ ନିଜର ମନୋମାଳିନ୍ୟ ଭୁଲି ଏକାଠି ହୋଇ ନାଚନ୍ତି, ମଉଜ ମଜଲିସ୍ କରନ୍ତି। ସନ୍ଧ୍ୟାରେ ଶିମଳି ଝରଣାର ବାର୍‌ହା ଗଣ୍ଡରେ ଭୋଜି କରି ମଜା ନିଅନ୍ତି। ବିଭିନ୍ନ ମାନସିକ ନେଇ ଭକ୍ତମାନେ ମା'ଙ୍କ ପାଖରେ ଭିଡ଼ ଜମାନ୍ତି। ଭକ୍ତର ମନର କଥାକୁ ଜାଣି ମା' ମାନସିକ ପୂରଣ କରନ୍ତି ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ କୁହାଯାଉଛି। ଏଠାରେ ଶିମିଳି ଝରଣା ଓ ଗର୍ଭୁଣୀ ଠାକୁରାଣୀଙ୍କ ମହିମା ପ୍ରଚାର ପରେ ବଣଭୋଜି ପାଇଁ ଭିଡ଼ ଜମିଲା। ପର୍ଯ୍ୟଟକମାନେ ମଧ୍ୟ ବର୍ଷ ତମାମ ଭିଡ଼ ଜମାଇଥିଲେ। ପୀଠର ବିକାଶ ପାଇଁ ସରକାର ପର୍ଯ୍ୟଟନ ବିଭାଗ ମାଧ୍ୟମରେ ୨୫ ଲକ୍ଷ ଟଙ୍କା ଅନୁଦାନ ଯୋଗାଇଥିଲେ। ୨୫ ଲକ୍ଷ ଟଙ୍କାର କାମ ଆରମ୍ଭ ହୋଇଥିଲା। ଝରଣାଟି ଯେଉଁଠାରେ ଅତିବ ମନୋରମ ଦେଖାଯାଉଥିଲା ସମ୍ପୃକ୍ତ ସ୍ଥାନରେ ଆନିକଟ ପରି ଡିଜାଇନ୍‌ରେ ଏକ ବ୍ରିଜ୍ କରାଯାଇଥିଲା, ଯାହାକି ଅଧାପନ୍ତରିଆ ହୋଇ ପଡ଼ିରହିଛି। ବ୍ରିଜ କାମ ଭଲ ଭାବେ ହୋଇ ନ ଥିବାରୁ ଶିମିଳି ଝରଣାର ପାଣି ତଳେ ପଡିଥିବା ଢଳେଇକୁ କଣାକରି ପ୍ରବାହିତ ହେଲାଣି। ବ୍ରିଜ୍ କାମଟି ୩ ବର୍ଷ ପରେ ବି ପୂରଣ ହୋଇପାରିଲାନି। ଝରଣାର ରୂପରେଖ ବଦଳିବା ପରେ ଆଗପରି ଆଉ ପର୍ଯ୍ୟଟକଙ୍କ ଭିଡ଼ ଜମୁନି। ଏନେଇ ପର୍ଯ୍ୟଟକ ଶ୍ରବଣ କୁମାର ସାହୁ କୁହନ୍ତି, ଶିମିଳି ଝରଣାର ସୌନ୍ଦର୍ଯ୍ୟକୁ ବଢ଼ାଇବାକୁ ହେଲେ ପ୍ରଥମେ ବ୍ରିଜ୍ କାମ ଶେଷ କରିବା ଦରକାର। ଝରଣାର ଜଳ ଯେପରି ବ୍ରିଜ ନିକଟରେ ଉଭେଇ ଯାଇଛି ସେଠାରେ ପୂର୍ବବତ୍ ଝରଣା ପ୍ରବାହିତ ହେବା ଦରକାର। ଝରଣାର ଜଳକୁ କୃତ୍ରିମ ଉପାୟରେ ବନ୍ଦ କରିଦିଆଯାଇଛି। ଫଳରେ ପ୍ରାକୃତିକ ଝରଣା ଦିଗଭ୍ରଷ୍ଟ ହୋଇଯାଇଛି। ସରକାର ଓ ପ୍ରଶାସନ ଶିମିଳି ଝରଣାକୁ ଗୁରୁତ୍ୱ ଦେଇ ପୀଠର ବିକାଶ କରାଇବା ଦରକାର।

ପର୍ଯ୍ୟଟକ ମନୋଜ ମିଶ୍ର କୁହନ୍ତି, ଶିମିଳି ଝରଣାରେ ପର୍ଯ୍ୟଟକଙ୍କ ଭିଡ଼ ହେଉଥିଲା। କାହିଁକି ଭିଡ଼ ହ୍ରାସ ପାଉଛି, ଭୋଜିଭାତର ଆସର ଜମୁନି ତାହା ପ୍ରଶାସନ ବୁଝିବା ଦରକାର। ଶିମିଳି ଝରଣାକୁ ଅଣଦେଖା କଲେ ଏହା ପର୍ଯ୍ୟଟକଙ୍କ ମାନସିକତାରୁ ହଜିଯିବ। ପ୍ରଶାସନ ଏହାର ଗୁରୁତ୍ୱକୁ ଦେଖି ପଦକ୍ଷେପ ନେବ। ନୂଆ ଜିଲାପାଳ ଶିମିଳି ଝରଣାକୁ ଅନୁଧ୍ୟାନ କଲେ ପୀଠର ବିକାଶ ହୋଇପାରନ୍ତା। ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ କୁହନ୍ତି, ପର୍ଯ୍ୟଟନ ବିଭାଗ ୨୫ ଲକ୍ଷ ଟଙ୍କା ଅନୁଦାନ ଦେଇଥିଲା। ପୀଠର ଉନ୍ନତି ହୋଇ ନ ଥିବା ଅଭିଯୋଗକୁ ମୁଁ ନିଜେ ଅନୁଧ୍ୟାନ କରିବାକୁ ଯିବି। କେଉଁଠି ଓ କାହିଁକି ପୀଠ ଉପେକ୍ଷିତ ହୋଇଛି ପରିଦର୍ଶନ ପରେ ଏହାର ସମୀକ୍ଷା କରି ବିକାଶ ଦିଗରେ ପଦକ୍ଷେପ ନେବି ବୋଲି କହିଛନ୍ତି।

# ନୀଳମାଧବ ଜୀଉଙ୍କ ମନ୍ଦିରରେ ସିସି କ୍ୟାମେରା ଅଚଳ



ନୀଳମାଧବ ମନ୍ଦିର।

ଖଣ୍ଡପଡା,୧୯।୪
(ଅଜୟ କୁମାର ମହାରଣା)

କଣ୍ଟିଲୋ ବିଜେ ଶ୍ରୀଶ୍ରୀ ନୀଳମାଧବ ଜୀଉଙ୍କର ମନ୍ଦିର ପରାମର୍ଶଦାତା କମିଟିର ନିଷ୍ପତ୍ତି କ୍ରମେ ନୀଳମାଧବ ଜୀଉଙ୍କ ମନ୍ଦିରରେ ୨୦୧୮ ଅଗଷ୍ଟ ୧୮ରେ ଲାଗିଥିବା ୧୨ଟି ସିସି କ୍ୟାମେରା ଏବେ ରକ୍ଷଣାବେକ୍ଷଣ ଅଭାବରୁ କାର୍ଯ୍ୟକ୍ଷମ ହେଉ ନ ଥିବା ସୂଚନା ମିଳିଛି । ଶ୍ରୀ ନୀଳମାଧବ ଜୀଉ ମନ୍ଦିରର ଚାରିଦ୍ୱାର ସମେତ ମାଜଣା ମଣ୍ଡପ, ରଘୁନାଥ ଜୀଉ ମନ୍ଦିର, ଦୁର୍ଗା ମୋହନ, ଗରୁଡମୋହନ, ଭୋଗ ମଣ୍ଡପ ଆଦି ଗୁରୁତ୍ୱପୂର୍ଣ୍ଣ ଏହି ୧୨ଟି ଯାକ ସ୍ଥାନରେ ୧.୫୪ ଲକ୍ଷ ଟଙ୍କା ବ୍ୟୟରେ କ୍ଲୋଜ୍‌ସର୍କିଟ କ୍ୟାମେରାଗୁଡିକ ଲଗାଯାଇଥିଲା। ପରବର୍ତ୍ତୀ ସମୟରେ ଆଉ ୪ଟି ସିସି କ୍ୟାମେରା ଲଗାଯାଇଥିବା ଜଣାପଡିଛି। ମନ୍ଦିର ପରିଚାଳନାକୁ ଶୃଙ୍ଖଳିତ କରିବା ଲକ୍ଷ୍ୟରେ ଲାଗିଥିବା ଏହି ସବୁ କ୍ୟାମେରାଗୁଡିକୁ ସଜାଡିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଖଣ୍ଡପଡା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ବିଶ୍ୱବିଶ୍ରୁତ ତ୍ରିପାଠୀଙ୍କ ସହ ଯୋଗାଯୋଗ କରିବାରେ ନୀଳମାଧବ ବିକାଶ ପ୍ରକଳ୍ପ ମଧ୍ୟରେ ମନ୍ଦିରରେ ଆବଶ୍ୟକତାନୁସାରେ କେତେକ ସିସି କ୍ୟାମେରା ଲଗାଯିବାର ବ୍ୟବସ୍ଥା ରହିଛି। ସମ୍ପୃକ୍ତ ସଂସ୍ଥା ମନ୍ଦିର ପରିସରରେ ସମ୍ପୂର୍ଣ୍ଣ ସିସି କ୍ୟାମେରା ଲଗାଇବା ପରେ ଅଚଳ ହୋଇଥିବା ସିସି କ୍ୟାମେରା ସମ୍ପର୍କରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ବଳାତ୍କାର ଉଦ୍ୟମ ହୋଇଥିବା ମହିଳାଙ୍କ ମୃତ୍ୟୁ

## ଅଭିଯୁକ୍ତଙ୍କ ଆକ୍ରମଣରେ ଥିଲେ ଗୁରୁତର

ନୟାଗଡ,୧୯।୪
(ଲୋକନାଥ ମିଶ୍ର)

ବଳାତ୍କାର ଉଦ୍ୟମର ଶିକାରହୋଇ କଟକ ବଡ଼ମେଡିକାଲରେ ଚିକିତ୍ସିତ ହେଉଥିବା ୪୦ ବର୍ଷିୟା ବିବାହିତା ମହିଳାଙ୍କର ରବିବାର ମୃତ୍ୟୁ ହୋଇଛି। ମୃତଦେହ ପହଞ୍ଚିବା ପରେ ନୟାଗଡ଼ ସଦର ଥାନା ପୋଲିସ ପରିବାର ଲୋକଙ୍କୁ ବୁଝାସୁଝା କରି ରାତିରେ ସତ୍କାର କରିବାକୁ ଉଦ୍ୟମ ଜାରି ରଖିଛି। ସେପଟେ ପୀଡିତାଙ୍କ ମୃତ୍ୟୁ ପରେ ଗାଁରେ ଚାପା ଉତ୍ତେଜନା ଦେଖା ଦେଇଛି।

ସୂଚନା ଅନୁସାରେ ଖୁଣ୍ଟବୁନ୍ଧ ଅଞ୍ଚଳରେ ଜଣେ ୪୦ ବର୍ଷିୟା ମହିଳାଙ୍କୁ ଗତ ୧୪ ତାରିଖରେ ବଳାତ୍କାର ଉଦ୍ୟମ ହୋଇଥିଲା। ମହିଳା ଶୌଚ ପାଇଁ ପୋଖରୀକୁ ଯାଇଥିବାବେଳେ ଚନ୍ଦନ ଦଳେଇ(୨୫) ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ମହିଳା ଏହାର ବିରୋଧ ଓ ପ୍ରତିବାଦ କରିବାରୁ ଚନ୍ଦନ ମାରିପିଟ କରି ଆକ୍ରମଣ କରିଥିଲେ। ମହିଳାଙ୍କ ପାଟିତୁଣ୍ଡ ଶୁଣି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ଅଭିଯୋଗ ପରେ ପୋଲିସ ନଂ. ୮୧/୨୬ ରେ ମାମଲା ରୁଜୁ କରି ଚନ୍ଦନଙ୍କୁ ଗତ ୧୫ ତାରିଖରେ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଚନ୍ଦନ ଏବେ ଜେଲରେ ଅଛନ୍ତି। ଏନେଇ ନୟାଗଡ଼ ସଦର ଥାନା ଆଇଆଇସି ପ୍ରିୟତମା ପ୍ରଧାନ କୁହନ୍ତି, ବଳାତ୍କାରରେ ବିଫଳ ହେବା ପରେ ଅଭିଯୁକ୍ତ ସମ୍ପୃକ୍ତ ମହିଳାଙ୍କୁ ଆକ୍ରମଣ କରିଥିଲେ। ଏଣୁ ମହିଳା ଗୁରୁତର ହୋଇ ପ୍ରଥମେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଥିଲେ। ମହିଳାଙ୍କର ବଡ ମେଡିକାଲରେ ମୃତ୍ୟୁ ପରେ ବଳାତ୍କାର ଉଦ୍ୟମ ମାମଲା ହତ୍ୟା ମାମଲାକୁ ରୂପାନ୍ତରିତ ହେବ। ପୋଲିସ ସମ୍ପୃକ୍ତ ପ୍ରସଙ୍ଗକୁ ଗୁରୁତର ସହ ନେଇ ତଦନ୍ତ ଜାରି ରଖିଛି। ପୀଡିତାଙ୍କର ଏକ ୧୪ ବର୍ଷର ପୁଅ ରହିଛି।

# ୨ ଗାଡ଼ି ସହ ୮୬ ଖଣ୍ଡ ବାଉଁଶ ଜବତ

ଦଶପଲ୍ଲା, ୧୯।୪( ପ୍ରକାଶ କୁମାର ପାଣି )

ଦଶପଲ୍ଲା ବ୍ଲକ ଆଦିବାସୀ ବହୁଳ ଚଢ଼େୟାପଲ୍ଲୀ ପଞ୍ଚାୟତ ହନୁମନ୍ତ ଛକଠାରୁ ଦଶପଲ୍ଲା ବନ ବିଭାଗ ତରଫରୁ ଚଢାଉ କରାଯାଇ ଶନିବାର ରାତିରେ ୨ଟି ଟାଟା ଏସିଇ ଗାଡି ସହ ସେଥିରେ ଆସୁଥିବା ୮୬ ଖଣ୍ଡ କଣ୍ଟାବାଉଁଶ ଜବତ କରାଯାଇଛି। ଜବତ ବାଉଁଶର ମୂଲ୍ୟ ୨୦ ହଜାର ଟଙ୍କା ହେବ। ତେବେ ଏହି ଘଟଣାରେ କେହି ଗିରଫ ହୋଇ ନ ଥିବା ଜଣାଯାଇଛି।

ପ୍ରକାଶ ଯେ, ହନୁମନ୍ତ ନିକଟସ୍ଥ କଣ୍ଡିପଦର କେନ୍ଦ୍ରୀୟ ସଂରକ୍ଷିତ ଜଙ୍ଗଲରୁ ଚୋରାରେ ବାଉଁଶ ଆସୁଥିବା ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଦଶପଲ୍ଲା ରେଞ୍ଜର ଶ୍ରୀନିବାସ ଦାସଙ୍କ ନେତୃତ୍ୱରେ ବନ ବିଭାଗ କର୍ମଚାରୀମାନେ ଉକ୍ତ ଅଞ୍ଚଳର ରାସ୍ତାରେ ଜଗି ରହିଥିଲେ। ତେବେ ବନ ବିଭାଗ କର୍ମଚାରୀଙ୍କୁ ଦେଖି ୨ ଡ୍ରାଇଭର ଗାଡ଼ି ଛାଡି ଫେରାର ହୋଇଯାଇଥିଲେ। କର୍ମଚାରୀ ବାଉଁଶ ସହ ଗାଡ଼ିକୁ ଧରି ଦଶପଲ୍ଲା ବନବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ। ଏ ସମ୍ପର୍କରେ ୨ଟି ଯୁଡି କେସ ରୁଜୁ ହୋଇଛି। ସୋମବାର ଗାଡି ମାଲିକ କିଏ ଆର୍‌ଟିଓ ବିଭାଗକୁ ତଥ୍ୟ ମଗାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଦଶପଲ୍ଲା ରେଞ୍ଜର ସୂଚନା ଦେଇଛନ୍ତି।



ଜବତ ଗାଡ଼ି ସହ ବାଉଁଶ ।

## ୨୦ରୁ ୪ ଦିନ ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର ଛୁଟି

ନୟାଗଡ଼ ଜିଲା

ନୟାଗଡ଼, ୧୯।୪(ଲୋକନାଥ ମିଶ୍ର)

ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ନୟାଗଡ଼ ଜିଲା ପ୍ରଶାସନ ସମସ୍ତ ପ୍ରକାର ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକୁ ଚଳିତ ମାସ ୨୦ରୁ ୨୩ ତାରିଖ ପର୍ଯ୍ୟନ୍ତ ଛୁଟି ଘୋଷଣା କରିଛନ୍ତି। ଜିଲାପାଳଙ୍କ ଆଦେଶ କ୍ରମେ ଜିଲା ଶିକ୍ଷାଧିକାରୀ ଚିଠି ନମ୍ବର ୨୭୯୦, ତା ୧୯।୪। ୨୬ ମାଧ୍ୟମରେ ଜିଲାର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟ ଗୁଡ଼ିକ ଛୁଟି ରହିବ ବୋଲି ଘୋଷଣା କରିଛନ୍ତି। ସେହିଭଳି ଅଙ୍ଗନୱାଡି କେନ୍ଦ୍ର ମଧ୍ୟ ବନ୍ଦ ରହିବ। ତେବେ ଏହି ସମୟ ମଧ୍ୟରେ ବିଦ୍ୟାଳୟର ଅଫିସ ଖୋଲା ରହିବା ସହିତ ପିଲାଙ୍କ ନାମଲେଖା, ପରୀକ୍ଷାକାର୍ଯ୍ୟ ତଥା ଜନଗଣନା ଯଥାରୀତି ଚାଲିବ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ବିଦ୍ୟାଳୟ ଆସିବେ ବୋଲି ଜିଲା ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି । ତେବେ ଏହି ନିର୍ଦ୍ଦେଶନାମା ପୂର୍ବରୁ ବିଦ୍ୟାଳୟ ସକାଳ ୬.୩୦ରୁ ପୂର୍ବାହ୍ନ ୯.୩୦ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ସୀତାରାମ ଇଲେଭେନ କ୍ରିକେଟ ଟୁର୍ନାମେଣ୍ଟ, ଶରଣକୁଳ ଚାମ୍ପିୟନ

ଶରଣକୁଳ, ୧୯।୪(ଦୀପକ କର)

ଶରଣକୁଳ ନିକଟ ଗୋଡ଼ିପଲ୍ଲୀ ପଞ୍ଚାୟତ ଖେଳ ପଡ଼ିଆରେ ଚାଲିଥିବା ସୀତାରାମ ଇଲେଭେନ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଶରଣକୁଳ ସହ ପଞ୍ଚିରିଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ପଞ୍ଚିରିଡ଼ା ଦଳ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ ହରାଇ ୧୩୫ ରନ୍ ସଂଗ୍ରହ କରିଥିଲା। ପରେ ଶରଣକୁଳ ଦଳ ୬ ଉଇକେଟ ବିନିମୟରେ ଆବଶ୍ୟକ ରନ୍ ସଂଗ୍ରହକରି ମ୍ୟାଚକୁ ଜିତି ନେଇଥିଲା। ଖେଳରେ ଅତିଥି ଭାବେ କ୍ଲବ ସଭାପତି ପ୍ରଶାନ୍ତ କୁମାର ସ୍ୱାଇଁ, ସମ୍ପାଦକ ପପୁ ରାଉତ, ସରପଞ୍ଚ ପ୍ରତିନିଧି ପ୍ରଭାତ କୁମାର କର, ସମିତିସଭ୍ୟ ପ୍ରତିନିଧି ପଦ୍ମଲୋଚନ ସାହୁ, ଗ୍ରାମ ପରିଚାଳନା କମିଟି ସଭାପତି ସାଲୁ ରାଉତ ପ୍ରମୁଖ ଯୋଗଦେଇ ଶରଣକୁଳ ଦଳକୁ ଚାମ୍ପିୟନ ଟ୍ରଫି ଓ ପଞ୍ଚିରିଡା ଟିମ୍‌କୁ ରନରଅପ୍ ଟ୍ରଫି ପ୍ରଦାନ କରିଥିଲେ। ଖେଳରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ରକି ଓ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ପଞ୍ଚିରିଡା ଦଳର ଶୁଭଙ୍କୁ ଘୋଷଣା କରାଯାଇଥିଲା। ଖେଳକୁ ସୌରଭ ସୁନ୍ଦର ପାଳ ଓ ରାଜେନ୍ଦ୍ର କୁମାର ସ୍ୱାଇଁ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟକୁ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ଅତିଥିଙ୍କ ସହ ଖେଳାଳି ପରିଚିତ ହେଉଛନ୍ତି।



@ ଚନ୍ଦ୍ରଶେଖର



@ ଅଜୟ



@ ହରୀଶ



@ ଜିପୁ



@ ବିଦ୍ୟାଭୂଷଣ

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com
ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରଥମ ବାର୍ଷିକ କୁଞ୍ଜବନପ୍ରସାଦ ରାତ୍ରିକାଳୀନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

## କୁଞ୍ଜବନପ୍ରସାଦ ଚାମ୍ପିୟନ

ଭାପୁର,୧୯।୪(ପ୍ରଭାତ ବରାଡ)



ଅତିଥିଙ୍କ ସହ ବିଜେତା ଦଳ ।

ଭାପୁର ବ୍ଲକ ବାଇଗୁଣିଆ ପଞ୍ଚାୟତ କୁଞ୍ଜବନପ୍ରସାଦ ଗ୍ରାମରେ ଚାଲିଥିବା ପ୍ରଥମ ବାର୍ଷିକ କୁଞ୍ଜବନପ୍ରସାଦ ରାତ୍ରିକାଳୀନ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଆଠଗୋଟି କ୍ରିକେଟ ଟିମ୍‌କୁ ନେଇ ଆୟୋଜିତ ରାତ୍ରିକାଳିନ କ୍ରିକେଟ ଟୁର୍ନାମେଣ୍ଟରେ ଗ୍ରାଣ୍ଡ ଫାଇନାଲରେ କୁଞ୍ଜବନପ୍ରସାଦ ଟିମ୍ ଓ ବାଇଗୁଣିଆ କ୍ରିକେଟ ଟୁର୍ନାମେଣ୍ଟ ପ୍ରବେଶ କରିଥିଲା। କୁଞ୍ଜବନପ୍ରସାଦ ଟିମ୍ ପ୍ରଥମେ ଟସ୍ ଜିତି ବ୍ୟାଟିଂ ନିଷ୍ପତି ନେଇ ନିର୍ଦ୍ଧାରିତ ୭ ଓଭରରେ ୫ ଉଇକେଟ ହରାଇ ୧୧୦ ରନ କରିଥିଲା। ଜବାବରେ ବାଇଗୁଣିଆ ୭ ଓଭରରେ ୯ ଉଇକେଟ ହରାଇ ୯୦ ରନ କରି ୨୦ ରନରେ ପରାସ୍ତ ହୋଇଥିଲା। ଚାମ୍ପିୟନ ଦଳର ରାକା ୬ ବଲରେ ୫ ଛକା ଓ ଗୋଟିଏ ଚଉକା ସହାୟତାରେ ୩୪ ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିବା ବେଳେ ବାଇଗୁଣିଆ ରନର୍ସ ଦଳର ଲିପୁ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ମ୍ୟାଚକୁ ବିକ୍ରମ ପାତ୍ର ଓ ରାଜନ ବିଶ୍ୱାଳ ପରିଚାଳନା କରିଥିବା ବେଳେ ଶିକ୍ଷାବିତ୍ ଗୌରାଙ୍ଗ ଚରଣ ସେଠୀ ସ୍କୋର ବୋର୍ଡ଼ ଦାୟିତ୍ୱ ଓ ଅଜୟ ବିଶ୍ୱାଳ ଧାରା ବିବରଣୀ ପ୍ରଦାନ କରିଥିଲେ। ଫାଇନାଲରେ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ଅଚ୍ୟୁତ ଜେନା, ସାମାଜିକ କର୍ମୀ ସନାତନ ଜେନା ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ନଗଦ ୬ ହଜାର ଟଙ୍କା ଓ ବାଇଗୁଣିଆ ରନର୍ସ ଦଳକୁ ଟ୍ରଫି ସହ ୪ ହଜାର ଟଙ୍କା ପ୍ରଦାନ କରିଥିଲେ। କୁଞ୍ଜବନପ୍ରସାଦ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

